# ଆଶାହରା
# ହୁଅନା



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଅକ୍ଟୋବର ୨୦୦୮

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

### ଯୋଗାଯୋଗ ଠିକଣା :

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

### ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

### ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

### ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Don't Lose Hope (Odia)**

# ଆଶାଦ୍ୱରୀ
# ଦ୍ୱୁଅନା

# ସୂଚୀପତ୍ର


| | | |
|---|---|---|
| ୧. | ଜୀବନଯାତ୍ରା ସର୍ବଦା ସହଜଗମ୍ୟ ନୁହେଁ | ୧ |
| ୨. | ଭରସା - ଖ୍ରୀଷ୍ଟିୟାନ୍ ଜୀବନର ଅତ୍ୟାବଶ୍ୟକ ଅଂଶ | ୩ |
| ୩. | ଭରସାର ମହତ୍ତ୍ୱ | ୫ |
| ୪. | ଈଶ୍ୱର ନିରାଶାଜନକ ପରିସ୍ଥିତିସମୂହକୁ ପରିବର୍ତ୍ତନ କରିପାରନ୍ତି | ୮ |
| ୫. | ଏକ ନିରାଶାଜନକ ପରିସ୍ଥିତିରେ ଆଶାୟୀ ହେବା ପାଇଁ ଆଧାର | ୧୩ |
| ୬. | ନିରାଶାଜନକ ପରିସ୍ଥିତିରେ ମୁଁ କ'ଣ କରେ ? | ୧୯ |

## ୧

# ଜୀବନଯାତ୍ରା ସର୍ବଦା ସହଜଗମ୍ୟ ନୁହେଁ

ଆମ୍ଭେମାନେ ପ୍ରତ୍ୟେକେ ଅନେକ ସ୍ୱପ୍ନ, ଲକ୍ଷ୍ୟ, ଉଚ୍ଚାଭିଳାଷ ଓ ଆକାଂକ୍ଷା ନେଇ ଜୀବନଯାତ୍ରା ଆରମ୍ଭ କରିଥାଉ। ଆମେ ଯାହା କରିବାକୁ ଇଚ୍ଛା କରୁ, ଯେଉଁ ସ୍ଥାନକୁ ଯିବାକୁ ଚାହିଁଥାଉ ଓ ଜୀବନରେ ଯାହା ହେବାକୁ ଚାହିଁଥାଉ ସେ ବିଷୟରେ ଅନେକ ଉତ୍ସୁକତାର ସହିତ ଆମେ ଯୋଜନା ପ୍ରସ୍ତୁତ କରିଥାଉ। କିନ୍ତୁ ଯାତ୍ରା ମଧ୍ୟରେ ଆମକୁ ନିଶ୍ଚିତ ରୂପେ ଅନେକ ଝଡ଼ଝଞ୍ଜାର ସାମ୍ନା କରିବାକୁ ହୋଇଥାଏ। ଜୀବନଯାତ୍ରା ସର୍ବଦା ସରଳ ଓ ସ୍ୱାଭାବିକ ହୋଇନଥାଏ। ଆମେ ବାଞ୍ଛା କରିଥାଉ ଆମ ଜୀବନ ଗପବହି ପରି ସହଜ ହୋଇଥାନ୍ତା କି ? କିନ୍ତୁ ସର୍ବଦା ସେପରି ହୋଇନଥାଏ। ଅନପେକ୍ଷିତ ଆହ୍ୱାନ, ଦୁଃଖକଷ୍ଟ ଓ ପରିସ୍ଥିତି ସମୂହ ଯାତ୍ରାପଥରେ ଆସି ପହଞ୍ଚିଥାନ୍ତି। ଏହିପରି ସମୟରେ ଆମର ସମସ୍ତ ଲକ୍ଷ୍ୟ ଓ ସ୍ୱପ୍ନ ଆଉ ସାକାର ହେବ ନାହିଁ ବୋଲି ମନେ ହୁଏ। ଅନେକ ସମୟରେ ଆମେ ଏପରି ପରିସ୍ଥିତି ସମୂହ ମଧ୍ୟରେ ପଡ଼ିଯାଉ ଯେ ସେଥିରୁ ରକ୍ଷା ପାଇବାର ଆଶା ଆଉ ନାହିଁ ବୋଲି ମନେ ହୁଏ। ଆମେ ଆଶାହରା ହୋଇପଡୁ। ଆମେ ପରିତ୍ୟକ୍ତ ମନେ କରୁ। ଆମେ ମନେ କରୁ, "ମୁଁ ଆଉ କିଛି କରିପାରିବି ନାହିଁ" ଅବା "ମୁଁ ମୋର ଲକ୍ଷ୍ୟ ହାସଲ କରିପାରିବି ନାହିଁ"। ଆମେ ଯେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବୁ ନାହିଁ ସେ ବିଷୟ ଭାବି ଭାବି ଆମେ ହତାଶାରେ ହଜିଯାଉ।

ଅନେକ ସମୟରେ ଅନପେକ୍ଷିତ ଭାବରେ ଜୀବନର ଗତିପଥ ବଦଳିଯାଏ ଓ ଯେଉଁସବୁ ପରିସ୍ଥିତିକୁ ସାମ୍ନା କରିବାକୁ ଆମେ ଆଦୌ ପ୍ରସ୍ତୁତ ନୋହୁଁ ସେସବୁର ସମ୍ମୁଖୀନ ହେବାକୁ ହୋଇଥାଏ। ଆମେ ହୁଏତ ରାସ୍ତାର ଶେଷ ଭାଗରେ ପହଞ୍ଚିଯାଉ ଓ ସେଠାରୁ ଅନ୍ୟସ୍ଥାନକୁ ଯିବାର ରାସ୍ତା ନଥାଏ। ଏହି ପୁସ୍ତକର ପାଠକ/ପାଠିକାମାନଙ୍କ ମଧ୍ୟରୁ କେହି ନା କେହି ହୁଏତ ନିରାଶାଜନକ ପରିସ୍ଥିତି ମଧ୍ୟରେ ରହିଥାଇପାରନ୍ତି।

ହୁଏତ ଆପଣଙ୍କ ଚାକିରୀ, ବୃତ୍ତି, ଶିକ୍ଷା, ଗୃହ, ବିବାହ ବା ପରିବାରରେ ଏଭଳି ପରିସ୍ଥିତି । ଆପଣଙ୍କ ଜୀବନରେ ଅନେକ ବିଷୟ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇଥାଇପାରେ । କିନ୍ତୁ ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ ଯେ ବାଇବଲର ଈଶ୍ୱର ମୃତକୁ ପୁନର୍ଜୀବିତ କରିପାରନ୍ତି ଅର୍ଥାତ୍ ସେ ମୃତବତ୍ ଓ ଆଶାଶୂନ୍ୟ ପରିସ୍ଥିତି ଓ ଅବସ୍ଥାସବୁକୁ ଉଜ୍ଜୀବିତ କରିପାରନ୍ତି । ସେ ଚତୁଃପାର୍ଶ୍ୱସ୍ଥ ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିବାରେ ସିଦ୍ଧହସ୍ତ ଅଟନ୍ତି । ସେ ଯଦି ଆପଣଙ୍କ ସପକ୍ଷ ତେବେ ଆପଣ ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆଶାର ସହିତ ଅଗ୍ରସର ହୋଇପାରିବେ । ସବୁକିଛି ଆଶାଶୂନ୍ୟ ମନେ ହେଉଥିବା ବେଳେ ଆପଣ ବିଜୟୀ ହୋଇ ବାହାରି ଆସିବେ । ଏହି ପୁସ୍ତକରେ ଅନେକ ଉତ୍ସାହଜନକ ବାକ୍ୟ ରହିଛି ଯାହାକି ଆମମାନଙ୍କୁ ନିରାଶ ନହେବାକୁ ପରାମର୍ଶ ଦେଇଥାଏ ।

## ଆଶାୟୀ ହେବା ଗୁରୁତ୍ୱପୂର୍ଣ୍ଣ

ଆଶାୟୀ ହେବା ଅତି ଗୁରୁତ୍ୱପୂର୍ଣ୍ଣ । "ଆଶାର" ଅର୍ଥ ଭରସା, ଅପେକ୍ଷା, ଯାହା ଆମେ ଚାହିଁଥାଉ, ବାଞ୍ଛା, ସ୍ୱପ୍ନ ବା ଉଚ୍ଚାଭିଳାଷ । ଖ୍ରୀଷ୍ଟିୟାନ୍ ଜୀବନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ହେଉଛି ଆଶା ବା ଭରସା । ଖ୍ରୀଷ୍ଟିୟ ଆଚରଣର ତିନୋଟି ବିଶେଷ ଦିଗ ମଧ୍ୟରୁ ଭରସା ଅନ୍ୟତମ ।

*"ଅତଏବ ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ" (୧ କରି. ୧୩:୧୩)*

**ବାଇବଲ୍‌ର ଈଶ୍ୱର ମୃତକୁ ପୁନର୍ଜୀବିତ କରିପାରନ୍ତି, ଅର୍ଥାତ୍ ସେ ମୃତବତ୍ ଓ ଆଶାଶୂନ୍ୟ ପରିସ୍ଥିତି ଓ ଅବସ୍ଥାସବୁ ଉଜ୍ଜୀବିତ କରିପାରନ୍ତି । ସେ ଚତୁଃପାର୍ଶ୍ୱସ୍ଥ ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିବାରେ ସିଦ୍ଧହସ୍ତ ଅଟନ୍ତି । ବାଇବଲ୍‌ର ଈଶ୍ୱର ଆପଣଙ୍କ ସମସ୍ତ ପରିସ୍ଥିତିକୁ ମଧ୍ୟ ପରିବର୍ତ୍ତନ କରନ୍ତୁ !**

# ୨

# ଭରସା - ଖ୍ରୀଷ୍ଟିୟାନ୍ ଜୀବନର ଅତ୍ୟାବଶ୍ୟକ ଅଂଶ

ବିଶ୍ୱାସୀ / ବିଶ୍ୱାସୀନି ଭାବରେ ଆମେ ଅନେକ ଆଗାମୀ ବିଷୟକୁ ନେଇ ଆଶା ରଖିଥାଉ।

## ଅନନ୍ତ ଜୀବନର ଭରସା

*"ସେହି ଅନନ୍ତଜୀବନ ସତ୍ୟବାଦୀ ଈଶ୍ୱର ଅନାଦିକାଳ ପୂର୍ବରୁ ପ୍ରତିଜ୍ଞା କରିଥିଲେ।" (ତିତସ ୧:୩)*

ଆମେ ଅନନ୍ତ ଜୀବନର ଅଧିକାରୀ ହେବୁ ବୋଲି ଆଶା ରଖିଛୁ। ଅନନ୍ତ ଜୀବନ ଆମ ଆତ୍ମାରେ ରହିଥିଲେ ହେଁ ଏହା ଭବିଷ୍ୟତରେ ଆମେ ପାଇବୁ ବୋଲି ଆଶାୟୀ ହୋଇ ଚାହିଁ ରହିଛୁ।

## ଗୌରବର ଭରସା

*"ବିଜାତିମାନଙ୍କ ମଧ୍ୟରେ ଈଶ୍ୱର ସେହି ନିଗୂଢ଼ ତତ୍ତ୍ୱର ଗୌରବରୂପ ଧନ ଯେ କ'ଣ ତାହା ପ୍ରକାଶ କରିବାକୁ ଇଚ୍ଛା କଲେ, ସେହି ନିଗୂଢ଼ତତ୍ତ୍ୱ ଏହି, ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସା ସ୍ୱରୂପ" (କଲସୀ ୧:୨୭)*

ଆମ ମଧ୍ୟରେ ଅନ୍ତର୍ବାସୀ ଖ୍ରୀଷ୍ଟ ଆମ ଗୌରବର ଭରସା ସ୍ୱରୂପ। ଏହି ଜଗତଠାରୁ ଉତ୍କୃଷ୍ଟତର ଆଗାମୀ ଜଗତରେ ଆମେ ଯେଉଁ ଜୀବନଯାପନ କରିବା ସେ ହିଁ ସେଥିର ଭରସା ସ୍ୱରୂପ। ଆମେ ଈଶ୍ୱରଙ୍କ ସଙ୍ଗେ ସ୍ୱର୍ଗରେ ତାହାଙ୍କ ସାନ୍ନିଧ୍ୟରେ ଚିରକାଳ ରହିବୁ ବୋଲି ଚାହିଁ ରହିଛୁ।

**ପରିତ୍ରାଣର ଭରସା**

*"କିନ୍ତୁ ଆସ, ଆମ୍ଭେମାନେ ଦିବସର ସନ୍ତାନ ହେବାରୁ ବିଶ୍ୱାସ ଓ ପ୍ରେମରୂପ ଉରସ୍ତ୍ରାଣ ପରିଧାନ କରି ପରିତ୍ରାଣର ଭରସାରୂପ ଶିରସ୍ତ୍ରାଣ ମସ୍ତକରେ ଦେଇ ସଚେତନ ରହିଥାଉ।" (୧ ଥେସ ୫:୮)। "ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ। ତୁମ୍ଭେମାନେ ତାହାଙ୍କୁ ନ ଦେଖି ପ୍ରେମ କରୁଅଛ, ପୁଣି, ଏବେ ସୁଦ୍ଧା ନ ଦେଖିଲେ ହେଁ ତାହାଙ୍କ ଠାରେ ବିଶ୍ୱାସ କରି ଅକଥନୀୟ ଓ ଗୌରବଯୁକ୍ତ ଆନନ୍ଦରେ ଆନନ୍ଦିତ ହୋଇ ତୁମ୍ଭମାନଙ୍କ ବିଶ୍ୱାସର ଲକ୍ଷ୍ୟ ଯେ ଆତ୍ମାର ପରିତ୍ରାଣ, ତାହା ପାଉଅଛ" (୧ ପିତର ୧:୭-୯)*

ବର୍ତ୍ତମାନ ପରିତ୍ରାଣର ପ୍ରାରମ୍ଭ ହୋଇଥିଲେ ହେଁ ପରିତ୍ରାଣର ଅନ୍ୟ ଏକ ଅଂଶକୁ ପାଇବା ପାଇଁ ଆମେ ଅନାଇ ରହିଛୁ।

**ଖ୍ରୀଷ୍ଟଙ୍କ ଆଗମନର ଭରସା**

*"ସେହି ଆନନ୍ଦଦାୟକ ଭରସା ପୁଣି ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟ ଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ।" (ତିତସ ୨:୧୩)*

**ପୁନରୁତ୍‌ଥାନର ଭରସା**

*"ଧାର୍ମିକ ଓ ଅଧାର୍ମିକ ଉଭୟଙ୍କର ପୁନରୁତ୍‌ଥାନ ହେବ ବୋଲି ଯାହା ଏମାନେ ନିଜେ ଅପେକ୍ଷା କରନ୍ତି, ମୁଁ ମଧ୍ୟ ଈଶ୍ୱରଙ୍କ ଠାରେ ସେହିପ୍ରକାର ଭରସା ରଖିଅଛି।" (ପ୍ରେରିତ ୨୪:୧୫)*

୩

# ଭରସାର ମହତ୍ତ୍ୱ

ଆମ ଦୈନନ୍ଦିନ ଜୀବନରେ ଭରସାର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ। ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆମେ ଆଶାପୂର୍ଣ୍ଣ ଜୀବନଯାପନ କରିବା ଉଚିତ। ସର୍ବଦା ଭରସାଯୁକ୍ତ ହୋଇ ଜୀବନଯାପନ କରିବା ଯେ କାହିଁକି ଗୁରୁତ୍ୱପୂର୍ଣ୍ଣ ତା'ର ଅନେକ କାରଣ ରହିଛି।

## ଆଶା ସିଦ୍ଧିରେ ବିଳମ୍ବ ଘଟିଲେ ଅନ୍ତରସ୍ଥ ବ୍ୟକ୍ତି ଦୁର୍ବଳ ହୋଇପଡ଼େ

*"ଆଶାସିଦ୍ଧିର ବିଳମ୍ବ ମନର ପୀଡ଼ାଜନକ; ମାତ୍ର ବାଞ୍ଛାର ସିଦ୍ଧି ଜୀବନ ବୃକ୍ଷ ସ୍ୱରୂପ।" (ହିତୋ ୧୩ : ୧୨)*

ଅନେକ ସମୟରେ ଆମର ଆକାଂକ୍ଷିତ ବିଷୟ ପାଇବାରେ ବିଳମ୍ବ ଘଟିଥାଏ। କୌଣସି ବର୍ଷ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପନ୍ନ ହେବାକୁ ଆମେ ଅପେକ୍ଷା କରିଥାଉ କିନ୍ତୁ ବର୍ଷ ବିତିଗଲେ ବି ତାହା ହୋଇପାରେନା। ପର ବର୍ଷ କାର୍ଯ୍ୟଟି ହୋଇପାରିବ ବୋଲି ଆମେ ଆଶା ବାନ୍ଧିଥାଉ, ତଥାପି ତାହା ହୋଇନପାରେ। ଏପରି ବିଳମ୍ବ ଘଟିଚାଲିଲେ ଆମେ ଆଶା ହରାଇ ବସୁ ଓ ଆନ୍ତରିକ ଭାବେ ଦୁର୍ବଳ ହୋଇପଡୁ। ଅନ୍ୟ ପକ୍ଷରେ ଆମେ ଯଦି ଆମର ଆକାଂକ୍ଷିତ ବିଷୟ ପାଇଯାଉ ତେବେ ତାହା ଜୀବନ ବୃକ୍ଷ ସଦୃଶ ହୋଇଥାଏ। ଏହା ଆମକୁ ଶକ୍ତିଯୁକ୍ତ ଓ ସତେଜ କରେ। ଆମେ ସତେଜ ହୋଇ ନୂଆ ବଳ ପାଇଥାଉ। ଆମର ବିଶ୍ୱାସ ବୃଦ୍ଧିପାଏ। ଆମେ ପ୍ରେରଣା ପାଉ ଓ ଅଗ୍ରସର ହୋଇପାରୁ।

## ଭରସା ପ୍ରାଣର ଲଙ୍ଗର ସ୍ୱରୂପ

*"ସେହି ଭରସା ଆମ୍ଭମାନଙ୍କ ପ୍ରାଣର ଲଙ୍ଗର ସ୍ୱରୂପ।" (ଏବ୍ରୀ ୬:୧୯)*

ଭରସା ପ୍ରାଣର ଲଙ୍ଗର ସ୍ୱରୂପ। ପ୍ରାଣ କହିଲେ ମନ, ଇଚ୍ଛା ଓ ଭାବପ୍ରବଣତାକୁ ବୁଝାଏ। ଜାହାଜକୁ ସ୍ଥିର ରଖିବାକୁ ଲଙ୍ଗର ବ୍ୟବହୃତ ହୋଇଥାଏ। ପ୍ରାଣ ନିମନ୍ତେ

ଭରସା ଅନୁରୂପ କାର୍ଯ୍ୟ କରିଥାଏ । ଲଙ୍ଗର ପକାଇଲେ ଝଡ଼ ତୋଫାନ ମଧ୍ୟରେ ସୁଦ୍ଧା ଜାହାଜ ସ୍ଥିର ରହେ । ବାଇବଲ୍ କହେ ଭରସା ପ୍ରାଣର ଲଙ୍ଗର୍ ସ୍ୱରୂପ । ଏହାର ଅର୍ଥ ଯଦି ମୋର ଭରସା ନାହିଁ ତେବେ ମୋର ପ୍ରାଣ - ମୋର ଇଚ୍ଛା, ଭାବପ୍ରବଣତା ଓ ବୁଦ୍ଧିଜୀବନର ଝଡ଼ଝଞ୍ଜା ମଧ୍ୟରେ ସ୍ଥିର ରହିପାରିବ ନାହିଁ ଓ ଦୁର୍ବଳ ହୋଇପଡ଼ିବ ।

ଲୋକେ ସମ୍ପୂର୍ଣ୍ଣ ରୂପେ ଭରସାହୀନ ହୋଇପଡ଼ିଲେ ସେମାନଙ୍କ ଜୀବନର ଝଡ଼ବତାସ ସେମାନଙ୍କ ପ୍ରତିକୂଳ ଯାତ୍ରାରେ ଅତି ଶକ୍ତିଶାଳୀ ମନେ ହୁଏ । ସେମାନେ ନିରାଶ ହୋଇ ପଡ଼ି ସହଜେ ଭାଙ୍ଗି ପଡ଼ନ୍ତି । ଜୀବନରେ ବଞ୍ଚିବା ସେମାନେ ନିରର୍ଥକ ମନେ କରନ୍ତି । "କେହି ମୋ ନିମନ୍ତେ ଚିନ୍ତା କରନ୍ତି ନାହିଁ", "ସବୁ କିଛି ବିଗିଡ଼ି ଯାଇଛି", "ଏହାକୁ ଆଉ କେବେ ସଜାଡ଼ି ହେବ ନାହିଁ" - ଏପରି ନିରାଶାଜନକ ଚିନ୍ତାମାନ ମନକୁ ପ୍ଲାବିତ କରେ । ଏପରି ପରିସ୍ଥିତି ଆସିଲେ ଅନେକେ ଆତ୍ମହତ୍ୟା କରିବା କଥା ବି ଚିନ୍ତା କରିଥାନ୍ତି । ଏଣୁ ଅତି କଷ୍ଟକର ପରିସ୍ଥିତିରେ ମଧ୍ୟ ଭରସା ନ ହରାଇବା ଅତି ଗୁରୁତ୍ୱପୂର୍ଣ୍ଣ । ବାସ୍ତବରେ ଭରସା ପ୍ରାଣର ଲଙ୍ଗର ସ୍ୱରୂପ ।

## ଭରସା ବିଶ୍ୱାସର ପୂର୍ବଲକ୍ଷଣ

*"ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ" (ଏବ୍ରୀ ୧୧:୧)*

ଭରସା ଗୁରୁତ୍ୱପୂର୍ଣ୍ଣ, କାରଣ ବିଶ୍ୱାସ ଭରସା ଉପରେ ନିର୍ଭରଶୀଳ । ପ୍ରଥମେ ଭରସା ତା'ପରେ ବିଶ୍ୱାସ ଜାତ ହୋଇଥାଏ । ଭରସା ଥିଲେ ହିଁ ବିଶ୍ୱାସ ଆସିଥାଏ । ଧରନ୍ତୁ ଜଣେ ବ୍ୟକ୍ତି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛି ଓ ଡାକ୍ତରମାନେ କହୁଛନ୍ତି ଚିକିତ୍ସା ବିଜ୍ଞାନ ତାକୁ ସାହାଯ୍ୟ କରିବା ପାଇଁ ଆଉ କିଛି କରିପାରିବ ନାହିଁ, ସେ ଅଳ୍ପ କିଛି ଦିନ ବଞ୍ଚିବ । ଅଧିକାଂଶ ଲୋକ ଏପରି ପରିସ୍ଥିତିରେ ସେହି ବ୍ୟକ୍ତିର ବଞ୍ଚିବା ଆଶା ଛାଡ଼ି ଦେବେ । ତା'ର ଶେଷ ମୁହୂର୍ତ୍ତ ସବୁ କିପରି କଟିବ, ସେ ମଲାବେଳେ କ'ଣ କହିବ ଓ କିପରି ତା'ର ସମାଧିକ୍ରିୟା ହେବ ଏସବୁକୁ ନେଇ ସେମାନେ କଳ୍ପନାଜଳ୍ପନା କରିଚାଲିବେ । ଜଣେ ଭରସାହୀନ ହୋଇପଡ଼ିଲେ ବିଶ୍ୱାସ ନିଷ୍କ୍ରିୟ ହୋଇପଡ଼େ, କାରଣ ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି । ଜଣେ ବ୍ୟକ୍ତି ସୁସ୍ଥ ହେବ ବୋଲି ଯଦି ଆଶା କରିପାରୁନି, ତେବେ ଈଶ୍ୱର ତାକୁ ସୁସ୍ଥ କରିବେ ବୋଲି

ତା' ମଧ୍ୟରେ ବିଶ୍ୱାସ ଜାଗ୍ରତ ହେବା ପ୍ରାୟ ଅସମ୍ଭବ। ଏଣୁ ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବା କ୍ଷେତ୍ରରେ ଭରସା ଉପରି ପାଉଣା ସଦୃଶ। ଅସୁସ୍ଥ ବ୍ୟକ୍ତିଜଣକ ଅନ୍ତତଃ ନିଜର କଳ୍ପନା ଚକ୍ଷୁରେ ଦେଖିବା ଉଚିତ ଯେ ସେ ମୃତ୍ୟୁଶଯ୍ୟା ଛାଡ଼ି ସୁସ୍ଥ ହୋଇ ଚାଲିଯାଉଛି। ଡାକ୍ତରମାନେ ତା' ଉପରୁ ଆଶା ଛାଡ଼ି ଦେଇ ପାରିଥାନ୍ତି, କିନ୍ତୁ ସେ ଭରସା ରଖିବା ଉଚିତ ଯେ, ସ୍ୱର୍ଗୀୟ ଈଶ୍ୱର ତାକୁ ସୁସ୍ଥ କରିପାରନ୍ତି ଓ ସେ ତାହା ସାଧନ କରିବାକୁ ଅଧିକ ରୂପେ ଇଚ୍ଛା କରିଥାନ୍ତି। ସମ୍ପୂର୍ଣ୍ଣ ରୂପେ ସୁସ୍ଥତା ଲାଭ କରିବାର ଭରସା ରହିଲେ ବିଶ୍ୱାସ ଜାତ ହେବ ଓ ସେ ସୁସ୍ଥ ହୋଇପାରିବ।

# ୪

# ଈଶ୍ୱର ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିପାରନ୍ତି

ଆମେ ବୁଝିବା ଆବଶ୍ୟକ ଯେ, ପରିସ୍ଥିତି ଯାହା ହେଉ ନା କାହିଁକି, ଯେତେ ନିରାଶାଜନକ ମନେ ହେଉ ନା କାହିଁକି ସମସ୍ତ ନିରାଶାଜନକ ପରିସ୍ଥିତିକୁ ବଦଳାଇ ପାରିବା କ୍ଷମତା କେବଳ ଈଶ୍ୱରଙ୍କଠାରେ ହିଁ ରହିଛି । ଆମେନ୍ ! ଏହି ନିରାଶାଜନକ ପରିସ୍ଥିତିର କାରଣ ହୁଏତ ଆପଣଙ୍କ ବିବାହ, ଆପଣଙ୍କ କାର୍ଯ୍ୟ, ଆପଣଙ୍କ ପିଲାମାନେ, ଅର୍ଥର ଅଭାବ, ଚାକିରୀ ବା ଶିକ୍ଷା ବା ଅନ୍ୟ କିଛି ହୋଇପାରେ । ପରିସ୍ଥିତି ଯାହା ହେଉନା କାହିଁକି ଆମେ ମନେ ରଖିବା ଉଚିତ ଯେ ଆମେ ଯେଉଁ ଈଶ୍ୱରଙ୍କର ସେବା କରୁ ସେ ନିରାଶାଜନକ ପରିସ୍ଥିତି ସମୂହକୁ ପରିବର୍ତ୍ତନ କରିପାରନ୍ତି । ଏଣୁ ଆମେ ଆଶା ଶୂନ୍ୟ ହେବା ଅନୁଚିତ । ବାଇବଲ୍‌ର କେତୋଟି ଜଣାଶୁଣା ଘଟଣାଗୁଡ଼ିକ ଆମେ ଧ୍ୟାନ କରିବା କିପରି ଈଶ୍ୱର ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିଥିଲେ ।

### ଗରିବ ବିଧବା

ଜଣେ ବ୍ୟକ୍ତି ଅନେକ ଅର୍ଥ କରଜ କରିଥିଲେ ଓ ମୃତ୍ୟୁବେଳକୁ ସେସବୁ ପରିଶୋଧ ହୋଇପାରିନଥିଲା । ତାଙ୍କର ଦୁଇ ପୁଅ ଓ ସ୍ତ୍ରୀ ଜୀବିତ ଥିଲେ (୨ ରାଜା ୪ :୧୭) । ଋଣଦାତାମାନେ ଆସି କରଜ ଶୁଝିବା ପାଇଁ ଦାବି କରୁଥିଲେ ଓ ଶୁଝି ନ ପାରିଲେ ଦୁଇପୁଅଙ୍କୁ ନେଇଯିବା ପାଇଁ ଧମକ ଦେଉଥିଲେ । ଏହି ସ୍ତ୍ରୀ ଲୋକର ପରିସ୍ଥିତି ନିଶ୍ଚିତ ରୂପେ ନିରାଶାଜନକ ଥିଲା । ସେ ପ୍ରଭୁଙ୍କ ଦାସ ଇଲୀଶାୟଙ୍କ ନିକଟକୁ ଯାଇ ତା'ର ଦୁର୍ଦ୍ଦଶା ବର୍ଣ୍ଣନା କଲା ଓ ତାଙ୍କ ସାହାଯ୍ୟ ଭିକ୍ଷା କଲା । ସେ ତାକୁ ପଚାରିଲେ ସେ ଘରେ କ'ଣ ରଖିଛି । ସ୍ତ୍ରୀ ଲୋକଟି କହିଲା ଏକ ପାତ୍ର ତୈଳ ଛଡ଼ା ତାଙ୍କ ଘରେ ଆଉ କିଛି ନାହିଁ । ଇଲୀଶାୟ ତାକୁ କହିଲେ ଯେତେ ପାରିବ ସେତେ

ଶୂନ୍ୟ ପାତ୍ର ସଂଗ୍ରହ କରି ସେଥିରେ ସେ ସେହି ତୈଳ ଭର୍ତ୍ତିକରୁ। ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ ପାତ୍ରର ତୈଳରେ ସବୁ ପାତ୍ରରେ ତୈଳ ଭର୍ତ୍ତି ହେଲା। ସେହି ସବୁ ପାତ୍ରର ତୈଳ ବିକ୍ରି କରି କରଜ ଶୁଝି ନୂଆ ଜୀବନ ଆରମ୍ଭ କରିବାକୁ ଇଲୀଶାୟ ପରାମର୍ଶ ଦେଲେ। ଏହି ସ୍ତ୍ରୀ ଲୋକର ଅଭାବକୁ ଆଶ୍ଚର୍ଯ୍ୟଜନକ ଭାବେ ପୂରଣ କରି ଈଶ୍ୱର ଏକ ନିରାଶାଜନକ ପରିସ୍ଥିତିକୁ ପରିବର୍ତ୍ତନ କରିଥିଲେ।

## ବିବାହ ଭୋଜରେ ସାଧିତ ଆଶ୍ଚର୍ଯ୍ୟକର୍ମ

ବିବାହ ଭୋଜର ଅଧ୍ୟକ୍ଷଙ୍କ ପାଖରେ ଦ୍ରାକ୍ଷାରସ ନଥିଲା। ଏକ ସାଧାରଣ ଅଭାବ, ତଥାପି ପରିସ୍ଥିତି ଅଣାୟତ୍ତ, ଆଶାଶୂନ୍ୟ ଥିଲା। କ'ଣ କରିବେ ବୋଲି ଚିନ୍ତା କରୁଥିବା ବେଳେ ଯୀଶୁଙ୍କ ମାତା ମରିୟମ୍ ଭୋଜର ପରିଚାରକମାନଙ୍କୁ କହିଲେ, "ଯୀଶୁ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର।" ଯୀଶୁ ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେପରି ସେମାନେ ଜଳପାତ୍ର ସବୁକୁ ଜଳରେ ଭର୍ତ୍ତି କରି ଅତିଥିମାନଙ୍କୁ ପରିବେଷଣ କରନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ ଜଳ ଦ୍ରାକ୍ଷାରସରେ ପରିଣତ ହେଲା ଓ ବିବାହ ଭୋଜରେ ଯୋଗ ଦେଇଥିବା ସମସ୍ତେ ପରିତୃପ୍ତ ହେଲେ (ଯୋହନ ୨:୧-୧୧)। ଆଶ୍ଚର୍ଯ୍ୟ ଯୋଗାଣର ଅନ୍ୟ ଏକ ଉଦାହରଣ! ପ୍ରଭୁଙ୍କ କଥା ଶୁଣି ସେ ଯାହା କହନ୍ତି ତାହା କରିବା ଦ୍ୱାରା ନିରାଶାଜନକ ପରିସ୍ଥିତିରେ ପରିବର୍ତ୍ତନ ଆସେ।

## ଏକ ନିରାଶାଜନକ ରାତ୍ରିର ପରବର୍ତ୍ତୀ ସକାଳ

ପ୍ରଭୁ ଯୀଶୁଙ୍କ ଦ୍ୱାରା ସାଧିତ ଏହା ଏକ ବ୍ୟବସାୟିକ ଆଶ୍ଚର୍ଯ୍ୟକର୍ମ ଥିଲା ଯାହା ଲୂକ ୫ ଅଧ୍ୟାୟରେ ଆମ୍ଭେ ପଢୁ। ପିତରଙ୍କର ଅନ୍ୟ ବ୍ୟବସାୟୀ ଅଂଶୀଦାରମାନେ ଥିଲେ - ଯାକୁବ, ଯୋହନ ଓ ଆନ୍ଦ୍ରିୟ। ଏମାନେ ମାଛ ବ୍ୟବସାୟ କରୁଥିଲେ। ସେମାନେ ମାଛୁଆ ଥିଲେ। ଥରେ ସାରା ରାତି ଜାଲ ପକାଇ ସେମାନେ କିଛି ହେଲେ ଧରିପାରିନଥିଲେ। ପରଦିନ ସକାଳେ ସେମାନେ ସମୁଦ୍ରରୁ ଫେରିବା ବେଳେ ଯୀଶୁଙ୍କ ସଙ୍ଗେ ସେମାନଙ୍କର ସାକ୍ଷାତ ହେଲା। ତାଙ୍କ ବାକ୍ୟ ଶୁଣିବାକୁ ସମୁଦ୍ର କୂଳରେ ଏକତ୍ର ହୋଇଥିବା ଜନତାଙ୍କ ନିକଟରେ ସେମାନଙ୍କର ନୌକା ଉପରେ ରହି ପ୍ରଚାର କରିବେ ବୋଲି ସେ ସେମାନଙ୍କୁ ଅନୁରୋଧ କଲେ। ପ୍ରଚାର ସରିବା ପରେ ଯୀଶୁ ପିତରଙ୍କୁ

କହିଲେ ଯେପରି ସେ ଆଉ ଥରେ ସମୁଦ୍ର ଭିତରକୁ ଯାଇ ଜାଲ ପକାନ୍ତି। ପିତର କହିଲେ, *"ହେ ପ୍ରଭୁ, ଆମ୍ଭେମାନେ ରାତିଯାକ ପରିଶ୍ରମ କରି କିଛି ଧରି ନାହୁଁ, କିନ୍ତୁ ଆପଣଙ୍କ କଥାରେ ମୁଁ ଜାଲ ପକାଇବି" (ଲୂକ ୫:୫)*। ପିତର ଜାଣିଥିଲେ ଯେ ସେ ନିଜ ଚେଷ୍ଟାରେ କିଛି ମାଛ ଧରିପାରି ନାହାନ୍ତି। ତଥାପି ସେ ଯୀଶୁଙ୍କ କଥା ମାନି ଆଉ ଥରେ ଚେଷ୍ଟା କରିବାକୁ ଇଚ୍ଛୁକ ଥିଲେ।

ପ୍ରଭୁଙ୍କର ପଦେ କଥା ନିରାଶାଜନକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା। ପ୍ରଭୁଙ୍କ ନିର୍ଦ୍ଦେଶ ପ୍ରତି ପିତରଙ୍କ ଅକୁଣ୍ଠିତ ବାଧ୍ୟତା ଦ୍ୱାରା ଏକ "ଆର୍ଥିକ ଆଶ୍ଚର୍ଯ୍ୟକର୍ମ" ସାଧିତ ହୋଇଥିଲା।

## ଇଶ୍ରାଏଲ ଜାତି

ଯିହୁଦୀ ଲୋକମାନେ ସମଗ୍ର ଜଗତରେ ଛିନ୍ନଛତ୍ର ଓ ବିକ୍ଷିପ୍ତ ହୋଇ ବାସ କରୁଥିଲେ। ସେମାନେ ନିରାଶ ହୋଇ ପଡ଼ିଥିଲେ। ଯିହିଜିକଲ ୩୭ ପର୍ବରେ ଈଶ୍ୱର ଯିହିଜିକଲଙ୍କୁ ଏକ ଶୁଷ୍କ ଅସ୍ଥିରେ ପୂର୍ଣ୍ଣ ଉପତ୍ୟକା ଦେଖାଇ କହିଲେ ଯେ, ଏହା ଇଶ୍ରାଏଲର ସାମ୍ପ୍ରତିକ ଦଶାକୁ ସୂଚାଏ। *"ହେ ମନୁଷ୍ୟସନ୍ତାନ ଏହି ଅସ୍ଥିସକଳ ସମୁଦାୟ ଇଶ୍ରାଏଲ୍ ବଂଶ ଅଟନ୍ତି; ଦେଖ, ସେମାନେ କହନ୍ତି, ଆମ୍ଭମାନଙ୍କର ଅସ୍ଥିସବୁ ଶୁଷ୍କ ହୋଇଅଛି, ଆମ୍ଭମାନଙ୍କର ଭରସା ନଷ୍ଟ ହୋଇଅଛି; ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ଉଚ୍ଛିନ୍ନ ହୋଇଅଛୁ" (ଯିହି ୩୭:୧୧)*।

ଈଶ୍ୱର ଯିହିଜିକଲଙ୍କୁ ନିର୍ଦ୍ଦେଶ ଦେଲେ ଯେପରି ସେ ଏହି ଶୁଷ୍କ ଅସ୍ଥି ସକଳ ନିକଟରେ ଭବିଷ୍ୟଦ୍‌ବାଣୀ ପ୍ରଚାର କରନ୍ତି। *"ଏଥିପାଇଁ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି; ହେ ଆମ୍ଭର ଲୋକେ, ଦେଖ, ଆମ୍ଭେ ତୁମ୍ଭମାନଙ୍କର କବର ମୁକ୍ତ କରିବା ଓ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କ କବରରୁ ବାହାର କରାଇବା, ଆଉ ତୁମ୍ଭମାନଙ୍କୁ ଇଶ୍ରାଏଲ୍ ଦେଶକୁ ଆଣିବା" (ଯିହି. ୩୭:୧୨)*। ଯିହୁଦୀଲୋକଙ୍କ ଏକତ୍ରୀକରଣ ଓ ଇଶ୍ରାଏଲ୍ ଜାତିର ପୁନର୍ଗଠନ ସମ୍ପର୍କରେ ଈଶ୍ୱର ତାଙ୍କ ଭାବବାଦୀଙ୍କ ଦ୍ୱାରା ବହୁ ପୂର୍ବରୁ ଭାବବାଣୀ ପ୍ରକାଶ କରିଥିଲେ। ମେ ୧୪, ୧୯୪୮ରେ ଈଶ୍ୱର ତାହାଙ୍କ ବାକ୍ୟ ସଫଳ କରିଥିଲେ। ଇଶ୍ରାଏଲ୍ ଏକ ରାଷ୍ଟ୍ରଭାବରେ ଜନ୍ମ ନେଲା।

ପୃଥିବୀର ବିଭିନ୍ନ ପ୍ରାନ୍ତରରେ ରହିଥିବା ଯିହୁଦୀମାନେ ନିଜ ଦେଶକୁ ଫେରି ଆସିବାକୁ ଲାଗିଲେ ।

ଏଣୁ ଯାହା ଆଶାଶୂନ୍ୟ ମନେ ହୁଏ ଈଶ୍ୱର ତାହାକୁ ପରିବର୍ତ୍ତନ କରିଦେଇ ପାରନ୍ତି । କବର ସବୁକୁ ଉନ୍ମୁକ୍ତ କରି ଶୁଷ୍କ ଅସ୍ଥିସକଳକୁ ପୁନର୍ଜୀବିତ କରି ପରିସ୍ଥିତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଈଶ୍ୱର ଇଚ୍ଛା କରନ୍ତି । ଈଶ୍ୱରଙ୍କ ନିକଟରେ ନିରାଶାଜନକ ପରିସ୍ଥିତି ବୋଲି କିଛି ନାହିଁ ।

**ଅବ୍ରାହମ ଓ ସାରା**

ଅବ୍ରହାମ ଓ ସାରା ଏକ ସନ୍ତାନ ଲାଭ କରିବେ ବୋଲି ଈଶ୍ୱର ସେମାନଙ୍କୁ ଯେତେବେଳେ ପ୍ରତିଜ୍ଞା ଦେଲେ ସେତେବେଳେ ସେମାନେ ବୃଦ୍ଧ ଓ ଗତବୟସ୍କ ଥିଲେ । ସେ ସେମାନଙ୍କୁ ପ୍ରତିଜ୍ଞା ଦେଇ କହିଲେ ଯେ, ସେମାନେ ଏକ ପୁତ୍ର ଲାଭ କରିବେ ଓ ଏହି ପୁତ୍ରର ବଂଶଧର ଆକାଶର ତାରା ଓ ସମୁଦ୍ରର ବାଲୁକା ପରି ଅସଂଖ୍ୟ ହେବେ । ସନ୍ତାନ ପାଇବା କ୍ଷେତ୍ରରେଏହା ଏକ ନିରାଶାଜନକ ପରିସ୍ଥିତି ଥିଲା, କାରଣ ଦୀର୍ଘ ବର୍ଷ ଧରି ସେମାନେ ନିଃସନ୍ତାନ ଥିଲେ । ଅବ୍ରହାମ୍‌ଙ୍କ ବୟସ ୯୯ ବର୍ଷ ଓ ସାରା ବନ୍ଧ୍ୟା ଥିଲେ, ଏଣୁ କୌଣସି ଆଶା ନଥିଲା ।

ଏହି ପରିସ୍ଥିତି ସମ୍ପର୍କରେ ବାଇବଲ୍ କ'ଣ କହେ ତାହା ରୋମୀ ୪:୧୭, ୧୮ରେ ଆମେ ପଢୁ । ଅନୁସରଣ କରିବା ପାଇଁ ଏହା ଏକ ମହାନ୍ ଆଦର୍ଶ ।

*"ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ଯେ ମୃତମାନଙ୍କୁ ସଜୀବ କରନ୍ତି ଓ ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି, ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭ ସମସ୍ତଙ୍କର ପିତା ଅଟନ୍ତି, ଯେପରି ଲେଖାଅଛି, ଆମ୍ଭେ, ତୁମ୍ଭଙ୍କୁ ବହୁଜାତିର ପିତା କରିଅଛୁ । 'ଏହିପରି ତୁମ୍ଭର ବଂଶ ହେବ' ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ" ।*

ଅବ୍ରହାମ "ଆଶା ନଥିଲେ ସୁଦ୍ଧା ଆଶା ରଖି ବିଶ୍ୱାସ କଲେ"। ଭରସାର କୌଣସି କାରଣ ନଥିଲେ ମଧ୍ୟ ଈଶ୍ୱରଙ୍କ ବାକ୍ୟରେ ଭରସା ରଖି ସେ ବିଶ୍ୱାସ କଲେ। ସେ ଆଶା ରଖି ବିଶ୍ୱାସ କରିବାରୁ, "ଯେଉଁ କଥା କୁହାଯାଇଥିଲା ... ତଦନୁସାରେ ... ହେଲେ"।

ଈଶ୍ୱର ଆପଣଙ୍କୁ ଯଦି କୌଣସି ପ୍ରତିଜ୍ଞା ଦିଅନ୍ତି, କେବେହେଲେ କୁହନ୍ତୁ ନାହିଁ, "ପ୍ରଭୁ, ଏହି ପ୍ରତିଜ୍ଞା ହାସ୍ୟାସ୍ପଦ"। ଈଶ୍ୱର ଦତ୍ତ ପ୍ରତିଜ୍ଞା କେବେ ହେଲେ ହାସ୍ୟାସ୍ପଦ ହୋଇପାରିବ ନାହିଁ, କାରଣ ଈଶ୍ୱର ମୃତକୁ ଜୀବନଦାନ କରିପାରନ୍ତି। ଏଣୁ ପରିସ୍ଥିତି ଯେତେ ନିରାଶାଜନକ ହେଲେ ମଧ୍ୟ ଈଶ୍ୱରଙ୍କ ପ୍ରତିଜ୍ଞା ସଫଳ ହେବା ନିଶ୍ଚିତ। ମନେ ରଖନ୍ତୁ ଯେଉଁ ଈଶ୍ୱର ଆପଣଙ୍କୁ କଥା କହୁଛନ୍ତି ସେ ମୃତମାନଙ୍କୁ ସଜୀବ କରନ୍ତି ଓ ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି। ସେ ଯେକୌଣସି ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରନ୍ତି। ଈଶ୍ୱର ଯେ କେବଳ ପରିସ୍ଥିତିକୁ ସୁଧାରି ପାରନ୍ତି ତା' ନୁହେଁ ସେ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇ ପାରନ୍ତି ! ଯେଉଁ ବିଷୟର ଅସ୍ତିତ୍ୱ ନାହିଁ ତାହାକୁ ସେ ସୃଷ୍ଟି କରିପାରନ୍ତି। ବର୍ତ୍ତମାନ ଆପଣଙ୍କ ଘରେ ଶାନ୍ତି ନାହିଁ; କିନ୍ତୁ ଈଶ୍ୱର ଶାନ୍ତି ଆଣିଦେଇ ପାରନ୍ତି। ଆପଣଙ୍କ ଶରୀରରେ ସ୍ୱାସ୍ଥ୍ୟ ନାହିଁ, ଈଶ୍ୱର ଆପଣଙ୍କୁ ସୁସ୍ଥତା ଦେଇପାରନ୍ତି। ଆପଣଙ୍କ ଗୃହ, ଚାକିରୀ ବା ବୃତ୍ତିରେ ଆପଣ ଯଦି ଅକୃତକାର୍ଯ୍ୟ ଅଟନ୍ତି ଈଶ୍ୱର ଆପଣଙ୍କୁ କୃତକାର୍ଯ୍ୟ ହେବାକୁ ଦେବେ।

୫

# ଏକ ନିରାଶାଜନକ ପରିସ୍ଥିତିରେ ଆଶାୟୀ ହେବା ପାଇଁ ଆଧାର

ଏକ ନିରାଶାଜନକ ପରିସ୍ଥିତିରେ ଜଣେ କାହାକୁ ନେଇ ଆଶାବାଦୀ ହୋଇ ପାରିବ ? ଏହା କ'ଣ ଏକ ବିଚିତ୍ର ଅବାସ୍ତବ କଳ୍ପନା ନୁହେଁ ? କୌଣସି ବିଷୟରେ କ'ଣ ଏହା ଏକ ମାନସିକ ପ୍ରଶ୍ନ ? ଏହାକୁ ସକାରାତ୍ମକ ଚିନ୍ତାଧାରା କୁହାଯିବ କି ? ସକାରାତ୍ମକ ହେବା ପାଇଁ ଚେଷ୍ଟା କରିବା ଓ ସକାରାତ୍ମକ ରହିବା ନିମନ୍ତେ ଏହା ଏକ ମାନବୀୟ ଯୋଜନା କି ? ତେବେ ସବୁଠୁ କଠିନ ପରିସ୍ଥିତିରେ ମଧ୍ୟ ଆମେ ଆଶାୟୀ ହୋଇପାରୁ। କେବଳ ଈଶ୍ୱର ଓ ତାହାଙ୍କ ବାକ୍ୟ ଯୋଗୁଁ ଏହା ସମ୍ଭବ ହୋଇଥାଏ।

*"ଏହିପରି ତୁମ୍ଭର ବଂଶ ହେବ - ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ" (ରୋମୀ ୪:୧୮)*

ବିଶ୍ୱାସ କରିବାର କାରଣ ନଥିଲେ ସୁଦ୍ଧା ଈଶ୍ୱରଙ୍କ ପ୍ରତିଜ୍ଞାକୁ ଅବ୍ରହାମ ବିଶ୍ୱାସ କଲେ। ପରିସ୍ଥିତି ନିରାଶାଜନକ ଥିଲା, ତଥାପି ସେ ବିଶ୍ୱାସ କଲେ। କାହିଁକି ? କାରଣ ଈଶ୍ୱର କହିଥିଲେ, "ଯାହା କୁହାଯାଇଥିଲା" ସେଥିରେ ଆଶା ରଖି ସେ ବିଶ୍ୱାସ କଲେ। ଈଶ୍ୱରଙ୍କ ପ୍ରତିଜ୍ଞା ତାଙ୍କ ଆଶାର ଆଧାର ଥିଲା। ଈଶ୍ୱର କହିଥିଲେ, ଏଣୁ ପରିସ୍ଥିତି ନିରାଶାଜନକ ହେଲେ ମଧ୍ୟ ଅବ୍ରାହମ ଆଶାର ବାହାରେ ବିଶ୍ୱାସ କରିଥିଲେ।

### ଆମ ଭରସାର ଆଧାର ଈଶ୍ୱର ଓ ତାହାଙ୍କ ବାକ୍ୟ

*"କାରଣ ହେ ସଦାପ୍ରଭୋ, ମୁଁ ତୁମ୍ଭଠାରେ ଭରସା ରଖେ; ହେ ପ୍ରଭୋ, ମୋର ପରମେଶ୍ୱର, ତୁମ୍ଭେ ଉତ୍ତର ଦେବ" (ଗୀତ ୩୮:୧୫)*

*"ମୁଁ ସଦାପ୍ରଭୁଙ୍କର ଅପେକ୍ଷା କରୁଅଛି, ମୋ ପ୍ରାଣ ଅପେକ୍ଷା କରୁଅଛି, ପୁଣି ମୁଁ ତାହାଙ୍କ ବାକ୍ୟରେ ଭରସା ରଖୁଅଛି" (ଗୀତ ୧୩୦:୫)*

*"ପୁଣି ଆମ୍ଭେମାନେ ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉ, ଏଥିନିମନ୍ତେ ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖା ହୋଇଅଛି" (ରୋମୀ ୧୫:୪)*

ଈଶ୍ୱର ଆମ ଭରସାର କାରଣ, ଉତ୍ସ ଓ ବଳ ଅଟନ୍ତି। ତାହାଙ୍କ ବାକ୍ୟ ଆମ ଭରସାର ଆଧାର। ଧର୍ମଶାସ୍ତ୍ର ଆମ ହୃଦୟ ମଧ୍ୟରେ ଯେଉଁ ଧୈର୍ଯ୍ୟ ଓ ସାନ୍ତ୍ୱନା ଜନ୍ମାଇ ଥାଏ ତଦ୍ୱାରା ଆମେ ଭରସା କରିଥାଉ।

## ଭବିଷ୍ୟତକୁ ନେଇ ଭରସା

ଆମେ ଏ ଯାଏଁ ଯାହା ଯାହା ଆଲୋଚନା କରିଛୁ ତାହାର ବ୍ୟାବହାରିକ ଦିଗକୁ ଆମେ ଦେଖିବା। ଏହା ପାଠ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ନିଶ୍ଚେ ସନ୍ଦେହ ପ୍ରକାଶ କରି କହିବେ, "ମୋର ଭବିଷ୍ୟତ ନିରାଶାଜନକ" ବା "ମୁଁ ବେଶୀ ଦୂର ଆଗେଇ ଯାଇପାରିବି ନାହିଁ। ମୋ ଜୀବନରେ ସେମିତି କିଛି ଉଲ୍ଲେଖନୀୟ ବିଷୟ ଘଟିବ ନାହିଁ"। ମୁଁ ଆପଣଙ୍କୁ ଜଣାଇ ଦେବାକୁ ଚାହେଁ ଯେ, ଈଶ୍ୱର ଓ ତାହାଙ୍କ ବାକ୍ୟ ହେତୁ ଆମେ ଆମ ଭବିଷ୍ୟତକୁ ନେଇ ଭରସାଯୁକ୍ତ ହୋଇପାରିବା। ତାହାଙ୍କ ବାକ୍ୟ କହେ ;

*"ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇନାହିଁ, ସେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କର ନିମନ୍ତେ ପ୍ରସ୍ତୁତ କରିଅଛନ୍ତି" (୧ କରିନ୍ଥୀ ୨:୯)*

ଭବିଷ୍ୟତ ନିମନ୍ତେ ଆମର ଆଶା ରହିଛି। ଆମେ ଆଶାବାଦୀ ଯେ ଆମେ ଭବିଷ୍ୟତରେ ଅନେକ ଆଶ୍ଚର୍ଯ୍ୟ ବିଷୟମାନ ଦେଖିବା କାରଣ ଈଶ୍ୱରଙ୍କ ବାକ୍ୟ କହେ ଯେ ଈଶ୍ୱର ତାଙ୍କ ପ୍ରେମକାରୀ ଲୋକମାନଙ୍କ ପାଇଁ ଏପରି ବିଷୟମାନ ରଖିଛନ୍ତି।

*"କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମେ ଯେ ସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା*

*ଦେବା ନିମନ୍ତେ ସେସବୁ ଅମଙ୍ଗଳକର ନୁହେଁ, ମଙ୍ଗଳର ସଂକଳ୍ପ ଅଟେ" (ଯିରି ୨୯:୧୧)*

ଈଶ୍ୱରଙ୍କ ବାକ୍ୟ ହିଁ ଆମ ଭରସାର କାରଣ। ଏଣୁ ଆମେ ଏକ ସୁନ୍ଦର ଭବିଷ୍ୟତକୁ ନେଇ ଆଶାବାଦୀ ହେବା। ଆମର ବର୍ତ୍ତମାନର ପରିସ୍ଥିତି ଆମ ଶେଷ ଲକ୍ଷ୍ୟସ୍ଥଳକୁ ସୂଚାଏ ନାହିଁ। ଆମେ ଆଶାବାଦୀ ଯେ ଆମର ଭବିଷ୍ୟତ ସୁଦୃଢ଼, ସଫଳ ଓ ସୁରକ୍ଷିତ, କାରଣ ଈଶ୍ୱର ତାହାଙ୍କ ବାକ୍ୟରେ ଏପରି ପ୍ରତିଜ୍ଞା କରିଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ନେଇ ଆମେ ହତାଶ ନ ହେଉ।

## କୃତକାର୍ଯ୍ୟ ହେବାର ଭରସା

ଆପଣମାନଙ୍କ ମଧ୍ୟରୁ ଅନେକ ନକାରାତ୍ମକ ଚିନ୍ତାଧାରା ରଖି ଭୟ କରୁଥିବେ ଯେ ଆପଣ ଜୀବନରେ କେବେ ସଫଳତା ପାଇପାରିବେ ନାହିଁ। ଆପଣ ସବୁମତେ ଚେଷ୍ଟା କରି ବିଫଳ ହୋଇଛନ୍ତି ଓ ଏ ଯାଏଁ କୌଣସି ବିଷୟରେ ସଫଳ ହୋଇପାରିନାହାନ୍ତି। ଈଶ୍ୱରଙ୍କ ବାକ୍ୟ କ'ଣ କହେ ଓ ତାହା ଆପଣ ବିଶ୍ୱାସ କରିବା ଉଚିତ।

*"ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ, ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ। ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ, ପୁଣି ସେ ଯାହା କରେ, ତାହା ସଫଳ ହେବ" (ଗୀତ ୧:୧-୩)।*

ନିଜକୁ ଏକ ଫଳଭରା ବୃକ୍ଷ ସଙ୍ଗେ ତୁଳନା କରନ୍ତୁ। ଯାହା କରନ୍ତି ସବୁଥିରେ ଆପଣ ସଫଳ ହେଉଛନ୍ତି ବୋଲି ଭାବନ୍ତୁ। ଆପଣଙ୍କ ଜୀବନ ନିମନ୍ତେ ଏହା ହିଁ ଈଶ୍ୱରଙ୍କ ବାକ୍ୟ। ଏଣୁ ଈଶ୍ୱର ଆପଣଙ୍କ ପାଇଁ ଯାହା କରିପାରନ୍ତି ତାହା ଆପଣଙ୍କ ଠାରୁ ହାତଛଡ଼ା କରିବାକୁ କୌଣସି ପରିସ୍ଥିତିକୁ ନଦିଅନ୍ତୁ।

## ଆପଣଙ୍କ ସ୍ୱପ୍ନ ସବୁ ସାର୍ଥକ ହେବାର ଭରସା

ଆପଣଙ୍କ ସ୍ୱପ୍ନ ସବୁ ସାର୍ଥକ ହେବ ନାହିଁ ବୋଲି ଆପଣ ସମସ୍ତ ଆଶା ଛାଡ଼ି ଦେଇଛନ୍ତି କି ? ଈଶ୍ୱରଙ୍କ ବାକ୍ୟ କହେ,

*"ସଦା ପ୍ରଭୁଙ୍କ ଠାରେ ଆନନ୍ଦ କର; ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ" (ଗୀତ ୩୭:୪)*

ମୁଁ ବିଭିନ୍ନ ପରିସ୍ଥିତି ମଧ୍ୟ ଦେଇ ଯାଇଛି । ମୋର ସ୍ୱପ୍ନ ସବୁ କେବେ ସାକାର ହେବ ନାହିଁ ବୋଲି ମୁଁ ମନେ କରୁଥିଲି । ମୋର ମନେ ପଡ଼େ ମୁଁ ବୟସରେ ବଢୁ ବଢୁ ମୋର ସ୍ୱପ୍ନ ରହିଥିଲା, ବାଙ୍ଗାଲୋର ନଗରରେ ଏକ ସୁଦୃଢ଼ ମଣ୍ଡଳୀ ସ୍ଥାପନ କରିବାକୁ ଯାହା ପୃଥିବୀର ବିଭିନ୍ନ ଜାତିକୁ ପ୍ରଭାବିତ କରିବ । ଯାହାସବୁ ଘଟି ଯାଉଥିଲା ସେସବୁ ପରିସ୍ଥିତି ମଧ୍ୟରେ ମୋର ସ୍ୱପ୍ନ ସତ ହେବ ନାହିଁ ବୋଲି ମୁଁ ପ୍ରାୟ ଧରିନେଇଥିଲି । ଏହା ଏକ ସ୍ୱପ୍ନରେ ହିଁ ରହିଯିବ ବୋଲି ମୋର ମନେ ହେଉଥିଲା । ଏଥିନିମନ୍ତେ ମୁଁ କିଛି କରିପାରିବିନି ବୋଲି ଭାବୁଥିଲି । ତଥାପି ମୋର ଆଶାକୁ ମୁଁ ଉଜ୍ଜୀବିତ ରଖିଥିଲି, କାରଣ ଈଶ୍ୱରଙ୍କ ବାକ୍ୟ କହେ ଯେ ସେ ମୋତେ "ଏକ ଭବିଷ୍ୟତ ଓ ଏକ ଭରସା" ଦେବେ, ଏବଂ ସେ ଏପରି ବିଷୟମାନ ରଖିଛନ୍ତି ଯାହାକୁ "ଚକ୍ଷୁ କେବେ ଦେଖିନାହିଁ, କର୍ଣ୍ଣ କେବେ ଶୁଣିନାହିଁ" । ତାହାଙ୍କ ବାକ୍ୟ ମଧ୍ୟ କହେ ଯେ ମୁଁ ଯଦି ତାହାଙ୍କଠାରେ ଆନନ୍ଦ କରେ ସେ ମୋର ମନୋବାଞ୍ଛା ପୂରଣ କରିବେ । ମୋର ପରିସ୍ଥିତି ସବୁ ଦିନକୁ ଦିନ ଖରାପ ଦିଗକୁ ଗତି କରୁଥିଲେ ମଧ୍ୟ ତାହାଙ୍କ ବାକ୍ୟ ଅପରିବର୍ତ୍ତିତ ରହିଥିଲା । ମୁଁ ତାହାଙ୍କ ବାକ୍ୟରେ ବିଶ୍ୱାସ ରଖିଲି । ତାହାଙ୍କ ବାକ୍ୟ ହିଁ ମୋର ଭରସାର କାରଣ ହୋଇଥିଲା । ବର୍ତ୍ତମାନ ମୋର ସ୍ୱପ୍ନ ସାକାର ହୋଇପାରିଛି । ହାଲ୍ଲେଲୁୟା !

## ଆପଣଙ୍କ ପିଲାମାନଙ୍କ ପାଇଁ ଭରସା

ଆପଣମାନଙ୍କ ମଧ୍ୟରୁ ଅନେକେ ଆପଣା ପିଲାମାନଙ୍କ ଯୋଗୁଁ ନିରାଶ ହୋଇ ପଡୁଥିବେ । ଆପଣ ସେମାନଙ୍କୁ ଉତ୍ତମ ରୂପେ ତାଲିମ୍ ଦେଇଛନ୍ତି ଓ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇଛନ୍ତି । କିନ୍ତୁ ସେମାନଙ୍କ ବର୍ତ୍ତମାନ ଜୀବନ ଭିନ୍ନ ମୋଡ଼ ନେଇଛି ଯାହା ଆପଣ କେବେ କଳ୍ପନା କରିନଥିଲେ । ହୁଏତ ସେମାନେ ପଢ଼ା ଛାଡ଼ି ଦେଇଛନ୍ତି, ମଦ୍ୟପାନ ଓ ଡ୍ରଗ୍‌ସେବନ କରୁଛନ୍ତି । ଆପଣଙ୍କ ସମସ୍ତ ତାଲିମ୍ ମୂଲ୍ୟହୀନ ମନେ

ହେଉଛି । ଆପଣ ଭାବୁଥିବେ ସେମାନଙ୍କ ପଛରେ ଆପଣ ଯେତେ କଠିନ ପରିଶ୍ରମ କରିଥିଲେ ସେସବୁ ବେକାର ହୋଇଗଲା । ଆପଣ ସେମାନଙ୍କ ଉପରୁ ଆଶା ହରାଇ ବସିଛନ୍ତି । ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ, "ଭରସାହୀନ ହୁଅନ୍ତୁ ନାହିଁ" । ଏ ବିଷୟରେ ଈଶ୍ୱରଙ୍କ ବାକ୍ୟ କ'ଣ କହେ ଆସନ୍ତୁ ଦେଖିବା ।

*"ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ଯେଉଁ ଜନ ସଦାପ୍ରଭୁଙ୍କୁ ଭୟ କରେ, ଯେ ତାହାଙ୍କ ଆଜ୍ଞାସବୁରେ ଅତିଶୟ ସନ୍ତୁଷ୍ଟ ହୁଏ, ସେ ଧନ୍ୟ । ତାହାର ବଂଶ ପୃଥିବୀରେ ବିକ୍ରମଶାଳୀ ହେବେ; ସରଳ ଲୋକର ବଂଶ ଆଶୀର୍ବାଦପ୍ରାପ୍ତ ହେବେ" (ଗୀତ ୧୧୨:୧, ୨)*

ଆପଣ ପ୍ରଭୁଙ୍କୁ କହିପାରନ୍ତି, "ମୁଁ ତୁମ ବାକ୍ୟରେ ଭରସା କରେ । ତୁମ ବାକ୍ୟ କହେ ଯେ ମୋ ପିଲାମାନେ ପୃଥିବୀରେ ବିକ୍ରମଶାଳୀ ହେବେ" । ଏହାର ଅର୍ଥ ଆପଣଙ୍କ ପିଲାମାନେ ପୃଥିବୀରେ କୃତକାର୍ଯ୍ୟ ହୋଇପାରିବେ । ସେମାନେ ଈଶ୍ୱରଙ୍କ ରାଜ୍ୟ ପାଇଁ କିଛି ମହତ୍ କର୍ମ କରିବେ । ସେମାନେ ପୃଥିବୀରେ ରହି ଅସଫଳ ହେବେ ନାହିଁ । ବରଂ ଈଶ୍ୱରଙ୍କ ନିମନ୍ତେ ସେମାନେ କିଛି ପ୍ରଭାବଯୁକ୍ତ କାର୍ଯ୍ୟ କରିବେ ।

*"ତୁମ୍ଭର ସନ୍ତାନଗଣ ସମସ୍ତେ ସଦାପ୍ରଭୁଙ୍କ ଦ୍ୱାରା ଶିକ୍ଷିତ ହେବେ ଓ ତୁମ୍ଭ ସନ୍ତାନଗଣର ମହାଶାନ୍ତି ହେବ" (ଯିଶା ୫୪:୧୩)*

ଏହି ଶାସ୍ତ୍ରାଂଶ ଆପଣଙ୍କ ଭରସାର ଆଧାର ହେଉ । ଭରସାଯୁକ୍ତ ହୋଇ ଅଗ୍ରସର ହୁଅନ୍ତୁ । ହୁଏତ ଆପଣଙ୍କ ସନ୍ତାନ ଆପଣଙ୍କର ଅବାଧ୍ୟ ହେଉଛି । ତଥାପି ଆପଣ ଆଶା ଛାଡ଼ନ୍ତୁ ନାହିଁ, ବରଂ ଈଶ୍ୱରଙ୍କ ବାକ୍ୟକୁ ନେଇ ଆଶାବାଦୀ ହୋଇ ରୁହନ୍ତୁ ।

## ସୁସ୍ଥତାଲାଭ ପାଇଁ ଭରସା

ଆପଣ ଅସୁସ୍ଥ ଓ ରୋଗଗ୍ରସ୍ତ ଏବଂ ଡାକ୍ତରମାନେ ଆପଣଙ୍କ ଉପରୁ ଆଶା ଛାଡ଼ି ଦେଇଛନ୍ତି । ଈଶ୍ୱରଙ୍କ ବାକ୍ୟ କ'ଣ କହେ ଶୁଣନ୍ତୁ :

"ସେ ତୁମ୍ଭର ଅଧର୍ମ ସବୁ କ୍ଷମା କରନ୍ତି; ସେ ତୁମ୍ଭର ରୋଗ ସବୁ ସୁସ୍ଥ କରନ୍ତି ।" (ଗୀତ ୧୦୩:୩)

ଏହି ଭରସା ଆପଣଙ୍କର ରହିଛି। ଆପଣଙ୍କ ଭରସାକୁ ଉଜ୍ଜୀବିତ ରଖନ୍ତୁ। ନିଜକୁ ସୁସ୍ଥ ମନେ କରନ୍ତୁ। ବାଇବଲ୍‌ର ଏହି ଶାସ୍ତ୍ରାଂଶ ଅନୁସାରେ ଆପଣ ଆରୋଗ୍ୟ ଲାଭ କରିଛନ୍ତି ବୋଲି ମନେ କରନ୍ତୁ।

*"ତୁମ୍ଭେ ଆପଣା ଦୃଷ୍ଟିରେ ଜ୍ଞାନବାନ୍ ହୁଅ ନାହିଁ; ସଦାପ୍ରଭୁଙ୍କୁ ଭୟ କର ଓ ମନ୍ଦତାରୁ ବିମୁଖ ହୁଅ। ତାହା ତୁମ୍ଭ ନାଭିଦେଶର ସ୍ୱାସ୍ଥ୍ୟ ଓ ଅସ୍ଥିର ମଜ୍ଜା ହେବ" (ହିତୋ ୩:୭, ୮)*

ଆପଣଙ୍କର ଯେଉଁ ଈଶ୍ୱର ଭୟ ରହିଛି ତାହା ହିଁ ଆପଣଙ୍କୁ ସୁସ୍ଥତା ପ୍ରଦାନ କରେ।

**ଈଶ୍ୱର ଓ ତାହାଙ୍କ ବାକ୍ୟ ଯୋଗୁଁ ଆମେ ନିରାଶାଜନକ ପରିସ୍ଥିତିରେ ବି ଆଶାବାଦୀ ହୋଇ ରହିପାରିବା।**

## ୬

# ନିରାଶାଜନକ ପରିସ୍ଥିତିରେ ମୁଁ କ'ଣ କରେ ?

*"ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ଯେ ମୃତମାନଙ୍କୁ ସଜୀବ କରନ୍ତି ଓ ନଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି, ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭସମସ୍ତଙ୍କର ପିତା ଅଟନ୍ତି, ଯେପରି ଲେଖା ଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ। "ଏହିପରି ତୁମ୍ଭର ବଂଶ ହେବ", ଏହି ଯେଉଁ କଥା କୁହାଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ। ତାହାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ, ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ, କିନ୍ତୁ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳବାନ ହେଲେ" (ରୋମୀ ୪:୧୭-୨୧)*

ଏକ ନିରାଶାଜନକ ପରିସ୍ଥିତିକୁ ବଦଳାଇ ଦେବା ପାଇଁ ଈଶ୍ୱରଙ୍କୁ ସୁଯୋଗ ଦେବାକୁ ଯାଇ ଆମେ କ'ଣ କରୁ ? ଅବ୍ରହାମ୍‌ଙ୍କ ଜୀବନରୁ ଆମେ କ'ଣ ଶିକ୍ଷାଲାଭ କରିପାରୁ ? ସେ କ'ଣ କରିବାରୁ ଈଶ୍ୱର ଏକ ନିରାଶାଜନକ ପରିସ୍ଥିତିକୁ ବଦଳାଇ ଦେଇଥିଲେ ? ବାଇବଲ୍ କହେ ଯେ କୌଣସି ଆଶା ନଥିଲେ ମଧ୍ୟ ଈଶ୍ୱର ତାଙ୍କ ବିଷୟରେ ଯାହା ପ୍ରତିଜ୍ଞା କରିଥିଲେ ତା'ର ଅଧିକାରୀ ଓ ସେ ହୋଇପାରିବେ ବୋଲି ଅବ୍ରହାମ ବିଶ୍ୱାସ କରିଥିଲେ (ରୋମୀ ୪:୧୮)। ଈଶ୍ୱର ଯାହା କହିଛନ୍ତି ତାହା ଘଟିବ ବୋଲି କ'ଣ ଆପଣ ବିଶ୍ୱାସ କରିବେ ? ଉଦାହରଣ ସ୍ୱରୂପ, ଈଶ୍ୱରଙ୍କ ବାକ୍ୟ କହେ, "ତୁମେ ଯାହା କରିବ ସେଥିରେ ସଫଳ ହେବ"। ଏହା ଆପଣ ବିଶ୍ୱାସ କରିବାକୁ ହେବ। ଆପଣ ବିଶ୍ୱାସ କରିବେ କି ?

## ଈଶ୍ୱର ଯାହା କହିଅଛନ୍ତି ତାହା ପାଇବେ ବୋଲି ଆଶା ରଖି ବିଶ୍ୱାସ କରନ୍ତୁ

ଈଶ୍ୱର ଓ ତାହାଙ୍କ ବାକ୍ୟ ଏକ। ତାହାଙ୍କ ବାକ୍ୟରେ ବିଶ୍ୱାସ କରିବା ଯାହା ଈଶ୍ୱରଙ୍କୁ ବିଶ୍ୱାସ କରିବା ତାହା। ଏଣୁ ସମସ୍ତ ଆଶାର ବାହାରେ ଆପଣ ବିଶ୍ୱାସ କରିବାକୁ ହେବ। ଏଣୁ ଆଶାଶୂନ୍ୟ ମନେ ହେଉଥିଲେ ବି ଆପଣ ଯାହା ପାଇବେ ବୋଲି ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ତାହା ପାଇବେ ବୋଲି ଆପଣ ବିଶ୍ୱାସ କରିବାକୁ ହେବ। ଏଣୁ ଆଶା ପରିତ୍ୟାଗ କରନ୍ତୁ ନାହିଁ।

## ନିରାଶାଜନକ ପରିସ୍ଥିତି ଆପଣଙ୍କ ବିଶ୍ୱାସକୁ ନିଷ୍କ୍ରିୟ କରି ନଦେଉ

*ଅବ୍ରହାମ "ତାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ" (ରୋମୀ ୪:୧୯)।* ନିଜର ଶାରିରୀକ ଅବସ୍ଥା ଓ ଅନ୍ୟାନ୍ୟ ପରିସ୍ଥିତିକୁ ବିବେଚନା କରି ମଧ୍ୟ ସେ ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ। କୌଣସି ପରିସ୍ଥିତିର ଆଶାଶୂନ୍ୟତା ଆପଣଙ୍କ ବିଶ୍ୱାସକୁ ଦୁର୍ବଳ ନକରୁ। ଏଣେ ତେଣେ ଅନାଇ କୁହନ୍ତୁ ନାହିଁ, "ଏହାର କୌଣସି ପ୍ରତିକାର ନାହିଁ"।

ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଆମେ ପରିସ୍ଥିତିକୁ ଅସ୍ୱୀକାର କରିବା। ପରିସ୍ଥିତିର ବାସ୍ତବତା ଆପଣଙ୍କ ବିଶ୍ୱାସକୁ ଦୁର୍ବଳ କରିନପକାଉ। ତା' ପରିବର୍ତ୍ତେ ଆପଣଙ୍କ ପ୍ରତିଜ୍ଞାତ ବିଷୟର ଫଳାଫଳକୁ ନେଇ ଏକ ଚିତ୍ର ଆପଣଙ୍କ ମାନସ ପଟରେ ଅଙ୍କନ କରନ୍ତୁ। ଉଦାହରଣ ସ୍ୱରୂପ, ଆପଣ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ମନେ କରନ୍ତୁ, ଆପଣ ଜୀବନରେ ସଫଳତା ପାଇଛନ୍ତି ବୋଲି ମନେ କରନ୍ତୁ, ଆପଣଙ୍କ ବୈବାହିକ ଜୀବନର ସମସ୍ୟା ଆଉ ନାହିଁ ବୋଲି ମନେ କରନ୍ତୁ, ଆପଣଙ୍କ ପିଲାମାନେ ଈଶ୍ୱରଙ୍କର ସେବା କରୁଛନ୍ତି ଓ ତାହାଙ୍କ ପଥରେ ଚାଲୁଛନ୍ତି ବୋଲି ମନେ କରନ୍ତୁ। ଈଶ୍ୱରଙ୍କ ବାକ୍ୟକୁ ଭିତ୍ତି କରି ମନ ମଧ୍ୟରେ ଏପରି ଚିତ୍ରମାନ ଅଙ୍କନ କରନ୍ତୁ ଓ ଏହି ଚିତ୍ରକୁ ବାରମ୍ବାର ନିରୀକ୍ଷଣ କରନ୍ତୁ।

ଦିନେ ରାତ୍ରିରେ ଈଶ୍ୱର ଅବ୍ରାହମଙ୍କୁ ତାଙ୍କ ତମ୍ବୁ ବାହାରକୁ ଡାକି ଆଣି ଆକାଶର ତାରାମାନଙ୍କୁ ଦେଖାଇଲେ ଓ କହିଲେ, *"ଏହି ପ୍ରକାର ତୁମ୍ଭର ବଂଶ ହେବ" (ଆଦି*

*୧୫:୫)*। ଏଣୁ ଅବ୍ରାହମ ତାଙ୍କ ମନରେ ଈଶ୍ୱରଙ୍କର ପ୍ରତିଜ୍ଞାର ଏକ ଛବି ଅଙ୍କନ କଲେ। ତାରାଗଣ ପରି ତାଙ୍କ ବଂଶଧରମାନେ ବହୁସଂଖ୍ୟକ ହେବେ ବୋଲି ସେ ଦେଖିପାରିଲେ। ଅବ୍ରହାମ ଯେତେବେଳେ ନିଜ ଶରୀରର ଅବସ୍ଥା ଓ ସାରାଙ୍କ ଗର୍ଭର ମୃତାବସ୍ଥାକୁ ଦେଖୁଥିଲେ ସେ ଈଶ୍ୱରଙ୍କ ପ୍ରତିଜ୍ଞାକୁ ସ୍ମରଣ କରୁଥିଲେ। ତାହାଙ୍କ ବଂଶଧରମାନେ ଆକାଶର ତାରା ଓ ସମୁଦ୍ରର ବାଲିପରି ସଂଖ୍ୟାତୀତ ରୂପେ ବୃଦ୍ଧି ପାଇବେ ବୋଲି ଈଶ୍ୱରଙ୍କର ପ୍ରତିଜ୍ଞା ଥିଲା।

ମୁଁ ହଜାର ହଜାର ଲୋକଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଛି ବୋଲି ମନେ ମନେ ଏକ ଛବି ଅଙ୍କନ କରେ। ଆମ ନଗରରେ ଆମର ପାଞ୍ଚଟି ମଣ୍ଡଳୀ ରହିଛି ଓ ପ୍ରତ୍ୟେକ ମଣ୍ଡଳୀରେ ହଜାର ହଜାର ସଂଖ୍ୟାରେ ଉପାସକମାନ ରହିଛନ୍ତି ବୋଲି ମୁଁ ଆମ ମଣ୍ଡଳୀ ବିଷୟରେ ଛବି ଆଙ୍କିଥାଏ। ଏଣୁ ରବିବାର ସକାଳେ ଚେୟାର୍‌ସବୁ ଖାଲି ପଡ଼ିଥିବା ଦେଖିଲେ ମଧ୍ୟ ମୋର ବିଶ୍ୱାସ ଦୁର୍ବଳ ହୋଇଯାଏ ନାହିଁ, କାରଣ ମୋ ମନରେ ଆମ ଆଗାମୀ ମଣ୍ଡଳୀର ସେହି ଚିତ୍ର ମୋ ମନ ମଧ୍ୟରେ ଅଙ୍କିତ ହୋଇ ରହିଥାଏ। ସାମ୍ପ୍ରତିକ ପରିସ୍ଥିତି ଯାହା ହେଉନା କାହିଁକି ଭବିଷ୍ୟତ ସମ୍ପର୍କରେ ଏକ ଚିତ୍ର ଆଙ୍କନ୍ତୁ ଓ ତାହା ସଫଳ ହେବ ବୋଲି ଆଶାବାନ୍ଧି ଚାଲନ୍ତୁ।

## ସଂକଳ୍ପ ଓ ଧୈର୍ଯ୍ୟ ପ୍ରକାଶ କରନ୍ତୁ

ଅବ୍ରହାମ୍‌ଙ୍କ ଜୀବନରେ ଆମେ ଅନ୍ୟ ଏକ ବିଷୟ ଦେଖୁ। ତା' ହେଲା - କୌଣସି ଅବିଶ୍ୱାସ ମାଧ୍ୟମରେ ସେ ଦ୍ୱିଧା ପ୍ରକାଶ କଲେ ନାହିଁ (ରୋମୀ ୪:୨୦)। ସେ ଈଶ୍ୱରଙ୍କ ପ୍ରତିଜ୍ଞାରେ ଝୁଣ୍ଟି ପଡ଼ିନଥିଲେ। ସେ ସଂକଳ୍ପ ଓ ଧୈର୍ଯ୍ୟ ପ୍ରକାଶ କରିଥିଲେ। ଭରସାଯୁକ୍ତ ହେବା ସଙ୍ଗେ ସଙ୍ଗେ ଦୃଢ଼ ସଂକଳ୍ପ ରଖି ଧୈର୍ଯ୍ୟବାନ ହେବା ନିହାତି ଜରୁରୀ। ରୋମୀ ୮ : ୨୫ କହେ, "କିନ୍ତୁ ଆମ୍ଭେମାନେ ଯାହା ଦେଖୁନାହୁଁ, ଯଦି ତାହା ନିମନ୍ତେ ଭରସା କରୁ, ତେବେ ଧୈର୍ଯ୍ୟ ସହକାରେ ତାହାର ଅପେକ୍ଷାରେ ଥାଉ"। ଆମ ମଧ୍ୟରୁ ଅନେକେ ଅନେକ ବିଷୟ ପାଇବା ପାଇଁ ଆଶା ରଖିଥାଉ ଓ ସଙ୍ଗେ ସଙ୍ଗେ ପାଇବାକୁ ଚାହିଁଥାଉ। କିନ୍ତୁ ଧର୍ମଶାସ୍ତ୍ର ଆମକୁ ଶିକ୍ଷା ଦିଏ ଯେ ଅଦୃଶ୍ୟ ବିଷୟ ପାଇବାକୁ ହେଲେ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ହେବ। ଏତେ ଶୀଘ୍ର ଆଶା ଛାଡ଼ି ଦିଅନ୍ତୁ ନାହିଁ ଧୈର୍ଯ୍ୟ ସହକାରେ ଅପେକ୍ଷା କରନ୍ତୁ। ପ୍ରେରିତ ପାଉଲ୍ କହନ୍ତି:

*"ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ଆମ୍ଭେମାନେ ତୁମ୍ଭମାନଙ୍କ ବିଶ୍ୱାସର କର୍ମ, ପ୍ରେମର ପରିଶ୍ରମ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ତୁମ୍ଭମାନଙ୍କ ଭରସାର ଧୈର୍ଯ୍ୟ ବିଷୟ ନିରନ୍ତର ସ୍ମରଣ କରୁଛୁ" (୧ ଥେସ୍ ୧:୩)*

ଭରସା ଧୈର୍ଯ୍ୟପୂର୍ଣ୍ଣ! ଈଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ ପ୍ରକୃତ ଭରସା ଧୈର୍ଯ୍ୟଶୀଳ।

*"ସଦାପ୍ରଭୁଙ୍କ ପରିତ୍ରାଣର ପ୍ରତ୍ୟାଶା କରି ସୁସ୍ଥିର ଭାବରେ ଅପେକ୍ଷା କରିବାର ମନୁଷ୍ୟର ମଙ୍ଗଳ" (ବିଳାପ ୩:୨୬)*

ଆପଣଙ୍କର ଯଦି ପ୍ରକୃତ ଭରସା ରହିଛି ତେବେ ଆପଣଙ୍କଠାରେ ସୁସ୍ଥିରତା, ଧୀରତା ଓ ଶାନ୍ତ ସ୍ୱଭାବ ପରିଦୃଷ୍ଟ ହେବ। ଆପଣ କ'ଣ ହାସଲ କରିବାକୁ ଯାଉଛନ୍ତି ତାହା ଆପଣ ଜାଣନ୍ତି। ଆପଣ ଯାହା ଚାହାନ୍ତି ତାହା ପାଇବା ପାଇଁ ଅଶାନ୍ତ, ବିରକ୍ତ, ଉତ୍ତେଜିତ ହେବେ ନାହିଁ ଓ ଏଥିପାଇଁ ପ୍ରତ୍ୟେକଙ୍କୁ ଆପଣଙ୍କ ରାସ୍ତାରୁ ହଟାଇବାକୁ ଚାହିଁବେ ନାହିଁ। ବରଂ ଆପଣଙ୍କର ଇପ୍ସିତ ବିଷୟ ପାଇବେ ବୋଲି ଆପଣ ଧୀରସ୍ଥିର ରହିବେ। ଆପଣ ସଂକଳ୍ପବଦ୍ଧ ଓ ଧୈର୍ଯ୍ୟ ସହକାରେ ଅପେକ୍ଷାରତ ରହନ୍ତୁ। ଈଶ୍ୱରଙ୍କ ବାକ୍ୟକୁ ସୁସ୍ଥିରତାର ସହିତ ପାଳନ କରିବା ହିଁ ସଂକଳ୍ପବଦ୍ଧତାର ପରିଚୟ। ସହଜ ରାସ୍ତା ବାଛନ୍ତୁ ନାହିଁ। ଏହା ପରିସ୍ଥିତିକୁ କେବଳ ଗୋଳମାଳିଆ କରିଦେବ।

## ଆନନ୍ଦିତ ରୁହନ୍ତୁ, ଈଶ୍ୱରଙ୍କ ପ୍ରଶଂସା କରନ୍ତୁ

ଅବ୍ରହାମ ଈଶ୍ୱରଙ୍କୁ ଗୌରବ ଦେଇଥିଲେ (ରୋମୀ ୪:୨୦)। ଆପଣଙ୍କର ଯଦି ଭରସା ରହିଛି ତେବେ ଆପଣ ଆନନ୍ଦିତ ରହିବେ। କାରଣ ଈଶ୍ୱରଙ୍କ ବାକ୍ୟ ଯାହା କହେ ତାହା ଉପରେ ଆପଣ ଭରସା ରଖନ୍ତି ଏଣୁ ଆପଣ ଆନନ୍ଦିତ ହୋଇପାରନ୍ତି। ଅନେକ ସମୟରେ ଆପଣ ପରିସ୍ଥିତିକୁ ନେଇ ଆନନ୍ଦିତ ହୋଇଥାନ୍ତି। କିନ୍ତୁ ଆପଣ ଭରସାକୁ ନେଇ ମଧ୍ୟ ଆନନ୍ଦ କରିଥାନ୍ତି। ଛୋଟ ପିଲାମାନେ ସେମାନଙ୍କ ଜନ୍ମଦିନ ପାଖେଇ ଆସିଲେ ଆନନ୍ଦରେ ଉତ୍ତେଜିତ ହୋଇପଡ଼ନ୍ତି! ମୋ ଝିଅ ରୁଥ୍ ଥରେ ତା'ର ଜନ୍ମ ଦିନର ଏକ ସପ୍ତାହ ଆଗରୁ ଏହି ଦିନକୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥିଲା। କହିବାକୁ ଗଲେ ସେ "ଭରସାରେ ଆନନ୍ଦ" କରୁଥିଲା। ସେ ଏତେ ଆତ୍ମହରା ହୋଇ ପଡ଼ିଥିଲା ଯେ, ତା'ର ଜନ୍ମଦିନର ପୂର୍ବ ରାତ୍ରିରେ ସେ ମୋତେ

କହିଲା, "ବାପା, କାଲି ସକାଳେ ମୁଁ ଉଠିବା କ୍ଷଣି ତୁମେ ମୋତେ କହିବ - ସୁପ୍ରଭାତ ଜନ୍ମଦିନର ଝିଅ"। କାଲି ଜନ୍ମଦିନ ପାଳନ କରିବ ବୋଲି ଆଜିଠାରୁ ସେ ଆନନ୍ଦିତ ଅଟେ। ତା'ର ଜନ୍ମଦିନ ଆସି ନଥିଲେ ବି ଏ ବିଷୟରେ ସେ ଆଶାପୂର୍ଣ୍ଣ ଥିବାରୁ ସେ ଖୁସୀ ଥିଲା। ଖ୍ରୀଷ୍ଟିୟାନ୍ ଭାବରେ ଆମେ ଭରସାରେ ଆନନ୍ଦ କରୁ। ଆମେ ଆନନ୍ଦ କରିଥାଉ ଯେ ଈଶ୍ୱର ସମସ୍ତ ବିଷୟକୁ ପରିବର୍ତ୍ତନ କରିବେ ଓ ଆମର ପରିସ୍ଥିତି ସମୂହ ବଦଳିଯିବ। ଆମେ ଭରସାରେ ଆନନ୍ଦ କରୁ।

*"ସେହି ଭରସାର ଈଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ, ଯେପରି ତୁମ୍ଭେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କର" (ରୋମୀ ୧୫ : ୧୩)*

*"ଭରସାରେ ଆନନ୍ଦ କର; କ୍ଲେଶରେ ସହିଷ୍ଣୁ ହୁଅ; ପ୍ରାର୍ଥନାରେ ଏକାଗ୍ରଭାବରେ ନିବିଷ୍ଟ ଥାଅ" (ରୋମୀ ୧୨:୧୨)*

ଆମ୍ଭେମାନେ ଭରସାର ପ୍ରଚୁରତା ଅନୁଭବ କରିପାରୁ ଏବଂ ଭରସାର ଈଶ୍ୱର ଆମକୁ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରିପାରନ୍ତି। ଆମ୍ଭେମାନେ ବିଶ୍ୱାସ କଲେ ହିଁ ଆମ୍ଭମାନଙ୍କ ଜୀବନରେ ସେହି ଆନନ୍ଦ ଓ ଶାନ୍ତି ଆସିଥାଏ। ବହୁତ ସମୟ ଅପେକ୍ଷା କଲେ ଲୋକେ ଅଭିଯୋଗ କରନ୍ତି ଓ ଅସନ୍ତୋଷ ପ୍ରକାଶ କରନ୍ତି। ସେମାନଙ୍କ ମଧ୍ୟରେ ଭରସାର ଏକ ଛବି ଅଙ୍କିତ ହୋଇଥିବା ଦରକାର। ଫଳରେ ସେମାନେ ପରିସ୍ଥିତିକୁ ନେଇ ଉତ୍ତେଜିତ ନ ହୋଇ ବରଂ ଆଶା ଭରସାର ସେହି ଛବିକୁ ଦେଖି ସେମାନେ ସ୍ଥିର ହୋଇ ରହିବେ। ସେହି ଛବି ଦିନେ ଯେ ବାସ୍ତବ ରୂପ ନେବ ଏହା ଜାଣିଲେ ଆପଣଙ୍କ ଠାରେ ସେହି ଆନନ୍ଦ ଓ ଶାନ୍ତି ବିରାଜିତ ହେବ।

*"ହେ ମୋହର ପ୍ରାଣ, ତୁ କାହିଁକି ଶୋକାକୁଳ ହେଉଅଛୁ ? ତୁ କାହିଁକି ମୋର ଅନ୍ତରେ ଅସ୍ଥିର ହେଉଅଛୁ ? ପରମେଶ୍ୱରଙ୍କଠାରେ ଭରସା ରଖ; କାରଣ ମୁଁ ତାହାଙ୍କ ଶ୍ରୀମୁଖର ପ୍ରସନ୍ନତା ସକାଶୁ ପୁନର୍ବାର ତାହାଙ୍କର ପ୍ରଶଂସା କରିବି" (ଗୀତ ୪୨:୫)*

*"ମାତ୍ର ମୁଁ ନିରନ୍ତର ଭରସା କରିବି, ପୁଣି ଆହୁରି ଆହୁରି ତୁମ୍ଭର ପ୍ରଶଂସା କରିବି" (ଗୀତ ୭୧:୧୪)*

ଭରସା ରହିଲେ ଆନନ୍ଦଭାବ ଓ ଈଶ୍ୱରଙ୍କୁ ପ୍ରଶଂସା କରିବାର ପ୍ରବୃତ୍ତି ରହିବ। ଏହି ଲେଖାକୁ ପାଠ କଲାବେଳେ ଆପଣ ହୁଏତ ଏକ ନିରାଶାଜନକ ପରିସ୍ଥିତି ମଧ୍ୟଦେଇ ଗତି କରୁଛନ୍ତି, ଏଣୁ ଆପଣ ପ୍ରଶ୍ନ କରିପାରନ୍ତି, "ମୁଁ କିପରି ଖୁସୀ ହୋଇ ପାରିବି" ? ବାଇବଲ୍ କହେ, "ଭରସାରେ ଆନନ୍ଦ କର !" ଆମ୍ଭେ କିପରି ଈଶ୍ୱରଙ୍କ ପ୍ରଶଂସା କରିପାରିବା ? ଆମେ ଯେଉଁ ଭରସା ରଖିଛୁ ସେଥିପାଇଁ ଆମେ ପ୍ରଭୁଙ୍କର ପ୍ରଶଂସା କରିପାରିବା। ଆଜି ସବୁ କିଛି ବିଗିଡ଼ି ଯାଇଛି ମନେ ହୁଏ। ଆଜିର ପରିସ୍ଥିତି ସବୁ ଅତି କଠିନ ହୋଇପାରେ। ତଥାପି ଆପଣ ତାହାଙ୍କର ପ୍ରଶଂସା କରି ପାରନ୍ତି କାରଣ ଆପଣ ଜାଣନ୍ତି ଯେ ଏସବୁ ବିଷୟ ଚିରକାଳ ସ୍ଥାୟୀ ନୁହେଁ। ବାଇବଲ୍‌ର ଈଶ୍ୱର ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିପାରନ୍ତି। ସେ ଆପଣଙ୍କ ନିମନ୍ତେ ଏହା ସାଧନ କରିବେ। ଆପଣଙ୍କ ଆଶା ଉଜ୍ଜୀବିତ କରି ରଖନ୍ତୁ। ଭରସାଯୁକ୍ତ ହୋଇ ବିଶ୍ୱାସ କରନ୍ତୁ।

ଇଂରାଜୀରେ ଏକ ସୁନ୍ଦର ଗୀତ ଅଛି। ଏହା ଆମକୁ ଉତ୍ସାହିତ କରିଥାଏ। ତା'ର ଭାବାନୁବାଦ ନିମ୍ନରେ ଦିଆଗଲା।

*ପ୍ରଭୁଙ୍କର ପ୍ରଶଂସା କର*
*ଯଦି ତୁମେ ସଂଘର୍ଷ କରୁଛ*
*ତୁମ ସ୍ୱପ୍ନ ସବୁ ଚୁରମାର୍ ହୋଇଯାଇଛି*
*ତୁମର ସମସ୍ତ ଆଶା ମଉଳି ଯାଇଛି*
*ଶୟତାନର ସୁସ୍ପଷ୍ଟ ଯୋଜନାରେ*
*ତୁମ ଅନ୍ତର ବାଧ୍ୟ କରୁଛି*
*ସମର୍ପି ଦେବାକୁ ଜାଗତିକ ଭୟ ନିକଟରେ*
*ତୁମଠାରେ ଯେଉଁ ବିଶ୍ୱାସ ରହିଛି*
*ତାକୁ ହଜାଇ ଦିଅନା।*

*ପ୍ରଭୁଙ୍କର ପ୍ରଶଂସା କର*
*ସେ ପ୍ରଶଂସାକାରୀଙ୍କ ମାଧ୍ୟମରେ କାର୍ଯ୍ୟ କରିଥାନ୍ତି*
*ପ୍ରଭୁଙ୍କର ପ୍ରଶଂସା କର*

*ସେ ପ୍ରଶଂସା ନିବାସୀନ୍ ।*
*ପ୍ରଭୁଙ୍କର ପ୍ରଶଂସା କର*
*ତୁମେ ଯେଉଁସବୁ ଜଞ୍ଜିରରେ*
*ବନ୍ଧା ହୋଇଛ ବୋଲି ମନେ କରୁଛ*
*ସେସବୁ ଶକ୍ତିହୀନ ହୋଇ ଛିଣ୍ଡିଯିବ*
*ଯଦି ତୁମେ ପ୍ରଶଂସା କର*
*ଶୟତାନ ମିଥ୍ୟାବାଦୀ*
*ସେ ଆମ ମୁଣ୍ଡରେ ପୁରାଇ ଥାଏ*
*ଆମେ ସବୁ ଭିକାରୀ*
*କିନ୍ତୁ ସେ ଜାଣେ ଆମେ ରାଜାଙ୍କର ସନ୍ତାନ*
*ଏଣୁ ବିଶ୍ୱାସରୂପ ଢାଲ ଉଠାଅ*
*ଯୁଦ୍ଧ ତ ଜିତା ଯାଇଛି*
*ଆମେ ଜାଣୁ ଖ୍ରୀଷ୍ଟ ପୁନରୁତ୍‌ଥିତ*
*ଏଣୁ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି ।*

ଆପଣ ଏହି ପୁସ୍ତକ ପଢୁ ପଢୁ କହିପାରନ୍ତି, "ମୁଁ ଏକ ନିରାଶାଜନକ ପରିସ୍ଥିତିରେ ରହିଛି" । ହୁଏତ ଏହା ଆପଣଙ୍କ ବିବାହ, ଆପଣଙ୍କ ଗୃହ, ଆପଣଙ୍କ ପିଲାମାନେ, ଆର୍ଥିକ ପରିସ୍ଥିତି, ଚାକିରୀ, ବୃତ୍ତି ବା ବ୍ୟବସାୟ ସମ୍ବନ୍ଧୀୟ ବା ଜୀବନର ଯେକୌଣସି ବିଷୟ ହୋଇପାରେ । ଆମେ ସମସ୍ତେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥାଉ । ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ - **ଭରସା ହରାନ୍ତୁ ନାହିଁ ।** ଭରସା ନ ହରାଇବା ଅତି ଗୁରୁତ୍ୱପୂର୍ଣ୍ଣ । ଆପଣ ଭରସାହୀନ ହେଲେ ଆପଣ ଆନ୍ତରିକ ଭାବରେ ଦୁର୍ବଳ ହୋଇଯିବେ । ଲଙ୍ଗର ବିହୂନେ ଜାହାଜର ଅବସ୍ଥା ଯେପରି ଭରସା ବିହୁନେ ମନୁଷ୍ୟର ଅବସ୍ଥା ସେପରି । ଭରସା ହରାଇଲେ ବିଶ୍ୱାସ କରିବା କଷ୍ଟକର ହୋଇପଡ଼େ, କାରଣ ଭରସା ବିନା ଆପଣ ବିଶ୍ୱାସ କରିପାରିବେ ନାହିଁ ।

ଈଶ୍ୱର ଓ ତାହାଙ୍କ ବାକ୍ୟରେ ଭରସା ରଖନ୍ତୁ । ଆପଣଙ୍କ ଜୀବନ ସମ୍ପର୍କରେ ଈଶ୍ୱର କ'ଣ କହିଛନ୍ତି ମନେ ପକାନ୍ତୁ । ଆପଣଙ୍କ ଗୃହ ଓ ବିବାହ ସମ୍ପର୍କରେ ଈଶ୍ୱରଙ୍କ

ପ୍ରତିଜ୍ଞା କ'ଣ? ଆପଣ ଯେଉଁସବୁ ପ୍ରତିଜ୍ଞା ପାଇଛନ୍ତି ସେ ସବୁକୁ ଧରି ରଖନ୍ତୁ। ଈଶ୍ୱରଙ୍କ ବାକ୍ୟ ଆପଣଙ୍କ ଭରସାର ଆଧାର ହେଉ। ଈଶ୍ୱର ଯାହା କହି ଅଛନ୍ତି ସେଥିଯୋଗୁଁ ଆପଣଙ୍କ ପରିସ୍ଥିତିରେ ପରିବର୍ତ୍ତନ ଘଟିବ ବୋଲି ଆପଣ ଆଶାବାଦୀ ରହନ୍ତୁ। ଈଶ୍ୱରଙ୍କ ପ୍ରତିଜ୍ଞା ସଫଳ ହେବାର ଏକ ଚିତ୍ର ମନ ମଧ୍ୟରେ ଆଙ୍କନ୍ତୁ। ଏହାଦ୍ୱାରା ଆପଣଙ୍କ ଆଶା ଉଜ୍ଜୀବିତ ହୋଇ ରହିବ।

*"ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ସାଧନ କରି ପାରନ୍ତି" (ଏଫିସୀ ୩:୨୦)*

- ଈଶ୍ୱର ଯାହା କହିଅଛନ୍ତି ତାହା ପାଇବେ ବୋଲି ଆଶା ରଖି ବିଶ୍ୱାସ କରନ୍ତୁ।
- ନିରାଶାଜନକ ପରିସ୍ଥିତି ଆପଣଙ୍କ ବିଶ୍ୱାସକୁ ନିଷ୍କ୍ରିୟ କରିନଦେଉ।
- ସଂକଳ୍ପବଦ୍ଧ ଓ ଧୈର୍ଯ୍ୟବାନ ହୁଅନ୍ତୁ।
- ଆନନ୍ଦିତ ରୁହନ୍ତୁ ଓ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚକୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ। ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ। ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪)। ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି। ଅଲ୍ ପିପୁଲ୍ସ ଚର୍ଚ୍ଚର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍‌ର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର୍ ଆପଣଙ୍କୁ ପ୍ରେମ
# କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ। ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ। ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ। ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ। ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା। ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା। ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ। ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ। ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ। ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ। ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ? ଯୀଶୁ କାହିଁକି ଜଗତକୁ ଆସିଥିଲେ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ। ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ। ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ। ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ। ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ। ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ। ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି। ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ। ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି। ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ।

ଈଶ୍ୱର ପ୍ରେମମୟ ଓ କରୁଣାମୟ। କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ। ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ। ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩)।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯)।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି। ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ। ଏହି ପ୍ରାର୍ଥନା ଏକ ନମୁନା ମାତ୍ର। ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି। ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ। ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି। ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ। ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ। ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ। ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍।

**All Peoples Church**
**Bible College & Ministry Training Center**

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି। ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ। ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ। APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ। ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ। ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ। ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି। ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି। ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ। ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ। ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ।

APC-BC is accredited by the
Nations Association for
Theological Accreditation (NATA)

ଅନେକ ସମୟରେ ଅନପେକ୍ଷିତ ଭାବରେ ଆମ ଜୀବନର ଗତିପଥ ବଦଳିଯାଏ। ହଠାତ୍ ଆମେ ନିଜକୁ ଏକ ଝଡ଼ଝଞ୍ଜା ମଧ୍ୟରେ ରହିଥିବା ଦେଖିପାରୁ। ଜୀବନ ଯାତ୍ରାରେ ଅଗ୍ରସର ହେବା ବେଳେ ଅନେକ ଆହ୍ୱାନ ଓ ସଂଘର୍ଷର ସାମ୍ନା କରିବାକୁ ହୋଇଥାଏ। ସମୟେ ସମୟେ ଆମେ ଦେଖୁ ଯେ ଆମେ ଏପରି ଏକ ସ୍ଥାନରେ ପହଞ୍ଚି ଯାଇଛୁ ଯେଉଁଠି ରାସ୍ତା ଶେଷ ହୋଇ ଯାଇଛି, ଅନ୍ୟ ଆଡ଼େ ଯିବା ପାଇଁ ରାସ୍ତା ଆଉ ନାହିଁ।

ହୁଏତ ଆପଣ ଏକ ନିରାଶଜନକ ପରିସ୍ଥିତି ମଧ୍ୟରେ ରହିଛନ୍ତି। ଆପଣଙ୍କ ଚାକିରୀ ବୃତ୍ତି, ଶିକ୍ଷା, ଗୃହ, ବିବାହ ବା ପରିବାରରେ ଏଭଳି ପରିସ୍ଥିତି ଉପୁଜି ଥାଇପାରେ। ଆପଣଙ୍କ ଜୀବନର ଅନେକ ବିଷୟ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇ ଯାଇ ଥାଇପାରେ। କିନ୍ତୁ ମୁଁ ଆପଣଙ୍କୁ ଉତ୍ସାହିତ କରି କହିବାକୁ ଚାହେଁ ଯେ, ବାଇବଲ୍‌ର ଈଶ୍ୱର ମୃତକୁ ପୁନର୍ଜୀବିତ କରିପାରନ୍ତି ଅର୍ଥାତ୍ ସେ ମୃତବତ୍ ଓ ଆଶାଶୂନ୍ୟ ପରିସ୍ଥିତି ଓ ଅବସ୍ଥା ସବୁକୁ ଉଜ୍ଜୀବିତ କରିପାରନ୍ତି। ସେ ଚତୁଃପାର୍ଶ୍ୱସ୍ଥ ନିରାଶାଜନକ ପରିସ୍ଥିତି ସବୁକୁ ପରିବର୍ତ୍ତନ କରିବାରେ ସିଦ୍ଧ ହସ୍ତ ଅଟନ୍ତି। ସେ ଯଦି ଆପଣଙ୍କ ସପକ୍ଷ ତେବେ ଆପଣ ନିରାଶାଜନକ ପରିସ୍ଥିତିରେ ମଧ୍ୟ ଆଶାର ସହିତ ଅଗ୍ରସର ହୋଇପାରିବେ।

ସବୁ କିଛି ଆଶାଶୂନ୍ୟ ମନେ ହେଉଥିବା ବେଳେ ଆପଣ ବିଜୟୀ ହୋଇ ବାହାରି ଆସିବେ। ଏହି ପୁସ୍ତକରେ ଉତ୍ସାହଜନକ ବାକ୍ୟ ରହିଛି ଯାହା ଆମମାନଙ୍କୁ ଆଶା ନ ହରାଇବାକୁ ପରାମର୍ଶ ଦିଏ। ଈଶ୍ୱରଙ୍କ ଠାରେ ଓ ତାହାଙ୍କ ବାକ୍ୟରେ ଭରସା ରଖନ୍ତୁ। ଆପଣଙ୍କ ଜୀବନ ସମ୍ପର୍କରେ ସେ କ'ଣ ପ୍ରତିଜ୍ଞା କରିଛନ୍ତି ସ୍ମରଣ କରନ୍ତୁ।

ଆଶାହରା ହୁଅନ୍ତୁ ନାହିଁ!

**ଆଶିଷ୍ ରାଇଚୁର୍।**